ଦଶମବର୍ଷ, ଦ୍ୱିତୀୟ ସଂଖ୍ୟା
ଫେବୃଆରୀ ୨୦୧୫

ପ୍ରଥମ ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ



## ଓଡ଼ିଶାର ଆଧୁନିକ ବିକାଶରେ ଟି.ଇ.ରେଭେନ୍‌ସାଙ୍କ ଭୂମିକା

## ମୁଖ୍ୟବକ୍ତା

ଜୟ ଜଗନ୍ନାଥ

ଏସିଡ଼ିଟି

ଇନ୍ଦିରା ଗାନ୍ଧୀ

ଜହ୍ନରାତିର ଗପ

ଫେରିବ ଏଇ ବସନ୍ତରେ

ପରଧନରେ ମଙ୍ଗଳବାର

ଦଶମ ବର୍ଷ, ଦ୍ୱିତୀୟ ସଂଖ୍ୟା
ଫେବୃଆରୀ ୨୦୧୫

www.aahwaan.com

# ଆହ୍ୱାନ

ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି,ଏମ୍.ସି.ଏଚ୍, ପି.ଜି.ଡ଼ି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ୍ : ୯୦୪୦୯୮୫୪୬୩ ଇ-ମେଲ୍ : aahwaan@gmail.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳକ, ଅପ୍ରକାଶିତ ଲେଖାଗୁଡ଼ିକୁ ହିଁ କପିରାଇଟର ବ୍ୟବସ୍ଥାରେ ଚୟନ କରାଯାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହବ ନାହିଁ, ଯେତେବେଳଯାଏଁ କୌଣସି ସୂଚନା କମ୍ବା ନର୍ଦ୍ଦେଶ ଦଆଯାଇନାହିଁ । ଲେଖାରେ ଦଆଯାଇଥିବା ବଚ୍ଚାର ଲେଖକଙ୍କର ସମ୍ପୂର୍ଣ୍ଣ ନଜସ୍ୱ, ତାହା ଉପରେ ସମ୍ପାଦକ କମ୍ବା ପ୍ରକାଶକଙ୍କ ସହମତ ରହବ ବୋଲ କୌଣସି ଲଖିତ ନୟମ ନାହିଁ । ଯଦଓ ସମ୍ପାଦକ ସବୁ ଲେଖାକୁ ଭଲଭବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରଥାନ୍ତ । ତଥାପି ଲେଖାର ଶତପ୍ରତଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କମ୍ବା ପତ୍ରକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ଏହ ପତ୍ରକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲଖିତ ଅନୁମତ ବନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରକା / ଗଣ ମାଧ୍ୟମ / ସମ୍ବାଦପତ୍ର  ଇତ୍ୟାଦ)ରେ ପ୍ରକାଶିତ କରବା ଏକ ଅପରାଧ । ଦୟାକରି ଏହ ବଷୟ ପ୍ରତ ବଶେଷ ଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନଜ ଲେଖାର ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କ ପ୍ରତଛବ ଗଣମାଧ୍ୟମରେ / ଇଣ୍ଟରନେଟରେ ଦେଇ ପାରବେ ।

# ସମ୍ପାଦକୀୟ



ନମସ୍କାର,

ପ୍ରିୟ ପାଠକ, ଆହ୍ୱାନ ଇ-ପତ୍ରକାର ଫେବୃଆରୀ ମାସର ସଂସ୍କରଣ ଆପଣଙ୍କୁ ଭେଟି ଦେଉଥିବା ବେଳେ ମୁଁ ଅନେକାଂଶରେ ଉତ୍ସାହତ ମନେ କରୁଛ, ଏହାର କାରଣ ହେଉଛ ଅନେକ ଦନପରେ ପୁଣିଥରେ ଅନେକ ନବ ଉଦୀୟମାନ ଲେଖକ ଲେଖିକାମାନଙ୍କ ପାଖରୁ ଲେଖା ସବୁ ପାଉଛ । ଯେଉଁମାନେ ଆଗାମୀ ଦନରେ ଓଡ଼ିଆ ସାହତ୍ୟକୁ ସମୃଦ୍ଧ କରବାରେ ସହାୟକ ହେବେ, ଯଦବା ସେମାନେ ସହାୟକ ନ ହୋଇପାରନ୍ତ, କନ୍ତୁ ନଶ୍ଚିତ ଭବେ ସେମାନଙ୍କ ସାହତ୍ୟ ସୃଷ୍ଟି ଆମ ସାହତ୍ୟକୁ ସମୃଦ୍ଧ କରବାରେ ସହାୟକ ହେବ । ଏହପର ଅନେକ ଲେଖକ ଲେଖିକା ଅତୀତରେ ଆହ୍ୱାନ ଇ-ପତ୍ରକାରେ ନଜର ଲେଖାମାନ ଦେଇ ପତ୍ରକାକୁ ସମୃଦ୍ଧ କରଥିଲେ ଏବଂ ବର୍ତ୍ତମାନ ସେମାନେ ଅନେକ ଓଡ଼ିଆ ପତ୍ରପତ୍ରକାରେ ନଜ ଲେଖାମାନ ଦେଉଛନ୍ତ । ଏହା ଆମ ଭଷା ଓ ସାହତ୍ୟ ପାଇଁ ଏହ ଶୁଭ ସଙ୍କେତ ।

ଚଳତ ମାସରେ ଏକ ଉଲ୍ଲେଖନୀୟ ଘଟଣା ହେଉଛ, ଦଲ୍ଲୀରେ ଆମ ଆଦମୀ ପାର୍ଟିର ନର୍ବାଚନରେ ବହୁ ସଂଖ୍ୟାରେ ବଜୟ ଲଭ କରବା । ଆଶ୍ଚର୍ଯ୍ୟଜନକ ଭବରେ ମାତ୍ର ବର୍ଷେ ତଳେ ଏହ ଦଳ ଦଲ୍ଲୀରେ ବଧାନସଭା ମଧ୍ୟରୁ ଇସ୍ତଫାଦେଇ ପଳାୟନ କରଥିଲେ । ବର୍ଷ ୨୦୧୪ରେ ଭରତୀୟ ଗଣତନ୍ତ୍ରର ସଂସଦୀୟ ନର୍ବାଚନରେ ମୋଦୀଙ୍କ ଦ୍ୱାରା ନେତୃତ୍ୱାଧୀନ ଭରତୀୟ ଜନତା ପାର୍ଟିର ବଜୟପରେ ବଭନ୍ନ ରାଜ୍ୟରେ ମଧ୍ୟ ବଜେପି ସଂଖ୍ୟା ଗରଷ୍ଠତା ହାସଲ କରବାପରେ ରାଜଧାନୀ ଦଲ୍ଲୀରେ ଏପର ଏକ ପରାଜୟ ବରଣ କରବେ ବୋଲ କେହ କେହ ପୂର୍ବାନୁମାନ କରସାରଥିଲେ । ଏଥିପାଇଁ ଅନେକ ଲୋକ ଅନେକ ମତ ଦଅନ୍ତ । ସାଧାରଣ ଜନତା ବଗତ ଆଠମାସରେ ମୋଦୀ

ସରକାରଙ୍କ କୌଣସି ସୁଫଳଦାୟକ ଯୋଜନା ଦେଖିବାକୁ ପାଇନାହାନ୍ତି ବୋଲି ଚର୍ଚ୍ଚା ହୋଇଛି ।

କଂଗ୍ରେସ ଦଳ ନେତୃତ୍ୱରେ ୟୁପିଏ ସରକାରଙ୍କ ସମୟରେ ଅନ୍ତରାଷ୍ଟ୍ରୀୟ ବଜାରରେ କଞ୍ଚା ତେଲର ଦର ୧୦୦ ଡଲାରରୁ ଅଧିକ ଥିଲା ଏବଂ ଚଳିତ ସମୟରେ ତାହା ଅଧାରୁ ବି କମ ହୋଇଗଲା ପରେ ମଧ୍ୟ ତେଲ ଦରରେ ସମାନୁପାତିକ ଫରକ ଦେଖିବାକୁ ମିଳିଲା ନାହିଁ ।

ସାଧାରଣ ଖାଉଟିମାନଙ୍କୁ ପନିପରିବାର ଦରରେ ବିଶେଷ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ । କେବଳ ଆଖିଦୃଶିଆ ବିଦେଶ ଗସ୍ତ ଓ ବୈଦେଶିକ ମୁଖ୍ୟମାନଙ୍କ ସହ ଚା ପିଇଦେଇ କୌଣସି ପ୍ରକାର ବୈପ୍ଳବିକ ପରିବର୍ତ୍ତନ ଆଣିହେବ ବୋଲି ଜନତା ଭାବୁନାହାନ୍ତି । ବିଗତ ଆଠମାସର ଶାସନ କାଳରେ ମୋଦୀ ସରକାର ଭ୍ରଷ୍ଟାଚାର ଓ କଳାଧନକୁ ନେଇ କୌଣସି ତତ୍ପରତା ଦେଖାଇ ନାହାନ୍ତି । ୟୁପିଏର ଶାସନ କାଳରେ ଯେଉଁସବୁ କାର୍ଯ୍ୟକ୍ରମକୁ ବିରୋଧୀଦଳ ଭାବରେ ବିଜେପି ଆକ୍ଷେପ କରି ଆସୁଥିଲା, ବର୍ତ୍ତମାନ ସେ ସବୁ କାର୍ଯ୍ୟକ୍ରମ ସେଇମିତି ଚାଲୁଥିବା ବେଳେ ସରକାରଙ୍କ ଉଦାସୀନ ଭାବ ସମସ୍ତଙ୍କୁ ଦେଖାଯାଉଛି । ବିଗତ ସାଧାରଣତନ୍ତ୍ର ଦିବସ ସମୟରେ ଆମେରିକା ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରି ଆଣି ବାହାବା ଲୁଟିନେବାର ପ୍ରୟାସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବୁମେରାଂ ହୋଇଛି । ଏଇ ସମୟରେ ସେ ପିନ୍ଧିଥିବା ସୁଟରେ ସୁନା ସୁତାରେ ନରେନ୍ଦ୍ର ମୋଦି ଲେଖା ହୋଇଥିବା ଦେଖିବାକୁ ମିଳୁଥିଲା । ଦେଶରୁ କଳାଧନକୁ ଦୂର କରିବାର କଥା ଦେଇଥିବା ପ୍ରଧାନମନ୍ତ୍ରୀ ଏତେ ଦାମୀ ସୁଟ୍ କେମିତି ପିନ୍ଧିପାରିଲେ ତାକୁ ନେଇ ରାଜନୈତିକ ମହଲ ସରଗରମ ରହିଲା ଆଉ ସେଇ ସବୁ ଚର୍ଚ୍ଚା ଟିଭି ଦ୍ୱାରା ସାଧାରଣଙ୍କୁ ମିଳିଲା ।

ଦିଲ୍ଲୀ ନିର୍ବାଚନ ସମୟରେ ବିଜେପିର ଖାମଖିଆଲି ମନୋଭାବ ମଧ୍ୟ ସେମାନଙ୍କ ପାଇଁ କାଳ ହେଲା ବୋଲି କୁହାଯାଉଛି । ସମସ୍ତେ ଭାବୁଥିଲେ ଯେ ୨୦୧୪ରେ ମୋଦି କରିଥିବା ମ୍ୟାଜିକ୍ ହୁଏତ ଦିଲ୍ଲୀରେ ବି କାମ ଦେବ, ହେଲେ ଲୋକ ତାଙ୍କୁ ସିଧା ସିଧା ମନା କରିଦେଲେ । ଯେଉଁ କେଜରିୱାଲଙ୍କୁ ଦୁର୍ଭାଗ୍ୟବାନ ବୋଲି କହି ମୋଦି ସାଧାରଣ ସଭାରେ ଭ୍ରୂକ୍ଷେପ କରୁଥିଲେ ସେ ଆଜି ୭୦ରୁ ୬୭ଟି ସିଟରେ ବିଜୟ ଲାଭ କରିଛନ୍ତି । ଏହାର ଆଉ ଏକ କାରଣ କିରଣ ବେଦୀ ବୋଲି ଶୁଣାଯାଉଛି । ଅବଶ୍ୟ ଯେତେବେଳେ ବିଜେପିରେ ସେ ସାମିଲ ହୋଇଥିଲେ ଏବଂ ପରେ ପରେ ତାଙ୍କୁ ଦିଲ୍ଲୀର

ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭବେ ଘୋଷଣା କରାଯାଇଥିଲା, ଦଲ୍ଲୀର ଅନେକ ପ୍ରମୁଖ ବଜେପି ନେତା ଏଥିରେ ଅସନ୍ତୋଷ ଜାହର କର ନଜକୁ ଏହ ନର୍ବାଚନରୁ ଦୂରେଇ ରଖିଥିଲେ । ଏବଂ ଏହାପରେ ନର୍ବାଚନ ପୂର୍ବଦନ ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ବଜେପି ନର୍ବାଚନ ପ୍ରଭାରୀ ଅମିତ ଶାହାଙ୍କୁ ଯେତେବେଳେ ପ୍ରଶ୍ନ କରାଯାଇଥିଲା ଯେ ୨୦୧୪ ନର୍ବାଚନ ବେଳେ ବଜେପି ଯେଉଁ ପ୍ରତଶୃତ ଦେଇଥିଲା ଯେ ଦେଶର କଳାଧନ ଫେର ଆସିଲେ ସମସ୍ତଙ୍କ ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା କରାଯିବ, ତାହା କେବେ ହେବ, ଏହ ପ୍ରଶ୍ନକୁ ସେ ନର୍ବାଚନ ବେଳେ ଏମିତ ହିଁ କୁହାଯାଇଥିବା ଏକ କଥାମାତ୍ର କହ ଟାଳଯାଇଥିଲେ । ଏହା ହୁଏତ ଭୋଟର ମାନଙ୍କୁ ନରୁତ୍ସାହତ କରଥାଇ ପାରେ ।

୨୦୧୪ ଫେବୃଆରୀ ୧୪ରେ ଏକ ନାଟକୀୟ ପରସ୍ଥିତରେ ଇସ୍ତଫାଦେଇ ବଧାନସଭାକୁ ଅଧାରେ ଛାଡ଼ି ଯାଇଥିବା ଆମ୍ ଆଦମୀ ପାର୍ଟି ପ୍ରମୁଖ ଅରବନ୍ଦ କେଜେରୱାଲ୍ ସର୍ବସମ୍ମୁଖରେ ଯେତେବେଳେ ଜନତାଙ୍କ ସହ ଆଖି ମିଶେଇ କ୍ଷମା ମାଗୁଥିଲେ ସେଥିରେ ତଳେ ହେଲେ ନାଟକ ନଥିଲା । ଏହା ହୁଏତ ଦଲ୍ଲୀବାସୀ ଅନୁଭବ କରପାରଥିଲେ । ସେଇଥିପାଇଁ ଆଜ ସେ ପୁଣିଥରେ ଦଲ୍ଲୀ ଶାସନର ପ୍ରମୁଖ ହୋଇ ଆସିଛନ୍ତି । ଜନଲୋକପାଳ ବଲ୍ ପାସ୍ କରବାକୁ ନେଇ ଯେତେବେଳେ ଦଲ୍ଲୀ ବଧାନସଭାରେ ଗଣ୍ଡଗୋଳ ହୋଇଥିଲା ସେତେବେଳେ ଉଭୟ କଂଗ୍ରେସ ଓ ବଜେପି ନେତାମାନେ ଆମ ସଂଖ୍ୟା ୪୦ ତୁମେ ଏହାକୁ ପାସ କରପାରବନ ବୋଲ କହ କେଜରୱାଲଙ୍କୁ ଭ୍ରୁକ୍ଷେପ କରଥିଲେ । ଏବେ ଆପ୍ ପାଖରେ ୬୭ ସିଟ୍, ସେ ଚାହିଁଲେ ତୁରନ୍ତ ଜନଲୋକପାଳ ବଲ୍ ପାସ କରପାରବେ, ଆଉ ବରୋଧ କରବାକୁ କାହାର ସାହାସ ନଥିବ ।

ସେ ଯା’ହେଉ ଯାହା କଂଗ୍ରେସ ପାର୍ଟି ସମେତ ଅନେକ ଆଞ୍ଚଳକ ଦଳ କରପାରନଥିଲେ ତାହା ଆମ୍ ଆଦମୀ ପାର୍ଟି କର ଦେଖାଇଲା । ଏହା କୌଣସି କମ ଗର୍ବର କଥା ନୁହେଁ । ଆଶା କରୁଛୁ ସେମାନେ ଦେଇଥିବା ପ୍ରତ୍ୟେକ ପ୍ରତଶୃତ ସେମାନେ ନଶ୍ଚୟ ରକ୍ଷା କରବେ ।

ଆପଣମାନଙ୍କୁ ଧନ୍ୟବାଦ ଜଣାଇ ଉପସ୍ଥାପନ କରୁଛ ଚଳତ ମାସର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ


ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

# ଚଳିତ ସଂସ୍କରଣରେ...


| | | | |
|---|---|---|---|
| **ସମ୍ପାଦକୀୟ** | ୪ | **ମୁଁ ବଞ୍ଚିବାକୁ ଚାହେଁ** | ୩୨ |
| | | *ପଦ୍ମିନୀ ପ୍ରିୟଦର୍ଶିନୀ ମିଶ୍ର* | |
| **ଜୟ ଜଗନ୍ନାଥ** | ୮ | **ଇନ୍ଦିରା ଗାନ୍ଧୀ** | ୩୫ |
| *ଶ୍ରୀଯୁକ୍ତ ନୃସିଂହଚରଣ ନାୟକ* | | *ଜ୍ୟୋତିର୍ମୟୀ ଶତପଥୀ* | |
| **ଓଡ଼ିଶା ଓ ରେଭେନ୍‌ସା ସାହେବ** | ୯ | **ପ୍ରିୟା** | ୩୮ |
| *ସନ୍ତୋଷ କୁମାର ମହାରଣା* | | *ଅନୁପମ ବେହେରା* | |
| **ପରଧନରେ ମଙ୍ଗଳବାର** | ୧୭ | **ଅଭିଶପ୍ତ** | ୪୧ |
| *ଦିଲ୍ଲୀପ କୁମାର ଦାସ* | | *ସନ୍ତୋଷ କୁମାର ବେହେରା* | |
| **ଆତ୍ମ ଚିନ୍ତନ** | ୨୧ | **ଶେଷ ଇଚ୍ଛା ତୁମର** | ୪୨ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | | *ପ୍ରଭାସିନୀ ମହାରଣା* | |
| **କୁନି କୁନି ପିଲାଙ୍କ ପାଇଁ - ୨** | ୨୩ | **ଦୁଃଖ ଯନ୍ତ୍ରଣା: ଏ ପ୍ରେମ ଦୁନିଆ** | ୪୩ |
| *ରାହୁଲ ପଣ୍ଡା* | | *ପ୍ରଶାନ୍ତ କୁମାର ନାଥ* | |
| **ଅମ୍ଳରୋଗ ଓ ଉପଚାର** | ୨୫ | **ଜହ୍ନ ରାତିର ଗପ** | ୪୪ |
| *ଶ୍ରୀମତି ସରିତା ପଣ୍ଡା* | | *ବସନ୍ତ କୁମାର ପାଣିଗ୍ରାହୀ* | |
| **ଏ କଥା ମୁଁ ଜାଣିନି** | ୨୮ | **ଫେରିବ ଏଇ ବସନ୍ତରେ** | ୪୬ |
| *ରବୀନ୍ଦ୍ର ପାଣିଗ୍ରାହୀ* | | *ଅନିଲ କୁମାର ସେଠୀ* | |
| **ମଧ୍ୟାହ୍ନଭୋଜନ ଭେଳିକି** | ୨୯ | **ମୁଖ୍ୟ ବକ୍ତା** | ୪୭ |
| *ଡା ସୌମ୍ୟରଞ୍ଜନ ମିଶ୍ର* | | *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |

# ଜୟ ଜଗନ୍ନାଥ

ଶ୍ରୀଯୁକ୍ତ ନୃସିଂହଚରଣ ନାୟକ



ଜୟ ଜଗନ୍ନାଥ ଜୟ ଜଗନ୍ନାଥ  ଜୟ ଜୟ ଜଗନ୍ନାଥ ।
କୋଟି କୋଟି ବିଶ୍ୱବ୍ରହ୍ମାଣ୍ଡ କରତା ଜୟ ଜୟ ଜଗନ୍ନାଥ । ।

ବଡ ଦେଉଳରେ ନୀଳାଚଳଧାମେ ଲକ୍ଷ୍ମୀଙ୍କ କ ପରସା ଖାଇ ।
ରତ୍ନ ସିଂହାସନେ ଶୋଇଯାଇଅଛ ଆର୍ତ୍ତୀ ଡାକ ଶୁଭୁନାହିଁ । ।

ସାରା ପୃଥିବୀରେ କେତେ ଅଘଟଣ ନାରୀ ନିର୍ଯ୍ୟାତନା ରକ୍ତପାତ ।
ଘଟିଯାଉଅଛ ସର୍ବଦିଗେ ବିତପାତ  । ।

ଭାରତ ସମରେ ଅର୍ଜୁନ ରଥରେ ତୁମେ କହିଥିଲ ପରା ।
ଧର୍ମ ହାନୀ ବେଳେ ଜନ୍ମ ହୋଇକରି ରକ୍ଷା କରିବାକୁ ଧରା । ।

ଆତଂକବାଦୀଂକ ହତ୍ୟା ବିଭୀଷିକା ନିରୀହ ଜନତା ମରେ  ।
ସବୁ ଆଡେ ଆଜ ହାହାକାର ଡାକ ଶାନ୍ତି ନାହିଁ କେଉଁଠାରେ । ।

ତୁମ୍ଭ ଶ୍ରୀଚରଣେ କରୁ ନିବେଦନ ଅବତର ଧରାଧାମେ ।
ଧର୍ମରକ୍ଷା ପାଇଁ ନିରୀହ ସାଧୁସନ୍ଥଙ୍କୁ ରକ୍ଷା କର ବାରେ ତୁମେ । ।

ଅବସରପ୍ରାପ୍ତ ଶିକ୍ଷକ
ବି.ଏ.ବି.ଏଡ୍. ମୂଳବସନ୍ତ, କଟକ

# ଓଡ଼ିଶା ଓ ରେଭେନ୍‌ସା ସାହେବ

ଓଡ଼ିଶାର ଆଧୁନକ ବକାଶରେ ଟି.ଇ.ରେଭେନ୍‌ସାଙ୍କ ଭୂମିକା

ସନ୍ତୋଷ କୁମାର ମହାରଣା



ଯେଉଁ କେତେକ ଇଂରେଜଙ୍କ ଶୁଭ ନେତୃତ୍ୱରେ ଭାରତ ଏବଂ ଓଡ଼ିଶାରେ ନୂତନ ଯୁଗର ସୁତ୍ରପାତ ହୋଇଥିଲା ସେମାନଙ୍କ ମଧରେ ରେଭେନ୍‌ସା ସାହେବଙ୍କ ନାମ ଅନ୍ୟତମ । ଥୋମାସ୍ ଏଡ଼ୱାର୍ଡ୍ ରେଭେନ୍‌ସା ଏକାଧାରରେ ଥିଲେ ଜଣେ ପ୍ରଶାସନକ ଅଧିକାରୀ ଓ ଶ୍ରେଷ୍ଠ ଶିକ୍ଷାବତ୍ । ୧୮୬୫ ମସିହା ଜୁଲାଇ ମାସରେ ଡକାୟତ ଦମନ ପାଇଁ ସେ କଟକ ଡିଭଜନର କମିଶନର ରୂପେ ନଯୁକ୍ତି ପାଇଥିଲେ । ଯଦଓ ତାଙ୍କ ପୂର୍ବ ଅଧିକାରୀ ଆର୍. ଏନ୍. ସୋରଙ୍କ () ପର ଓଡ଼ିଶା ଶାସନ ସମ୍ବନ୍ଧରେ କୌଣସି ଅଭଜ୍ଞତା ନଥିଲା ତଥାପି ସେ ପ୍ରାୟ ୧୨ ବର୍ଷ ଧର ଓଡ଼ିଶାକୁ ଶାସନ କରଥିଲେ । ତାଙ୍କ ପରେ ଏପର କୌଣସି କମିଶନର ନ ଥିଲେ ଯେ ଏତେବର୍ଷ ଧର ଓଡ଼ିଶାକୁ ଶାସନ କରଥିଲେ । ଜନ୍ ବମ୍‌ସ ୧୮୭୭ରେ ସାମୟିକ ଭାବେ ଓଡ଼ିଶାର କମିଶନର ଥିବା ବେଳେ କହଥିଲେ :

*"I had no great respect for his abilities. " He wrote "Nor had any one else , but he had much experience and he knows his Orissa and his oriyas thoroughly"*

ଏଥିରୁ ସେ କେତେ ପରମାଣରେ ତାଙ୍କ ପ୍ରିୟ ଓଡ଼ିଶା ଓ ଓଡ଼ିଆମାନଙ୍କୁ ପାଖରୁ ବୁଝିଥିଲେ ତାହା ଜଣାପଡ଼େ । ରେଭେନ୍‌ସାଙ୍କ ଆସିବା ପୂର୍ବରୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ରୁଗ୍ଣ ହୋଇପଡ଼ିଥିଲା । ୧୮୪୦ ମସିହା ପୂର୍ବରୁ ବଙ୍ଗଳା ସରକାର ଓଡ଼ିଶାର ଶିକ୍ଷାକୁ ବହୁତ ଅବହେଳା କରଥିଲେ । ୧୮୨୨

ମସିହା ମେ ମାସରେ ଖ୍ରୀଷ୍ଟିଆନ୍ ମିସନାରୀମାନଙ୍କ ଦ୍ୱାରା ଆଙ୍ଗ୍ଲୋଭର୍ଣ୍ଣାକୁଲାର୍ ସ୍କୁଲ କଟକରେ ପ୍ରତିଷ୍ଠିତ ହୋଇଥିଲା । କିନ୍ତୁ ଅର୍ଥାଭାବରୁ ଏହି ସ୍କୁଲକୁ ୧୮୪୧ରେ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲା । ଇତି ମଧ୍ୟରେ ପୁରୀର କଲେକ୍ଟର ୱିଲିୟମ୍ ୱିଲ୍‌କିନ୍‌ସନ୍ ୧୮୩୫ ମସିହାରେ 'ପୁରୀ ଫ୍ରି ଏକାଦମୀ' ନାମରେ ଏକ ସ୍କୁଲ ବସାଇଥିଲେ । ରକ୍ଷଣଶୀଳ ହିନ୍ଦୁ ମୁଖ୍ୟତଃ ବ୍ରାହ୍ମଣମାନେ ଦେଶରେ ଇଂରେଜୀ ଶିକ୍ଷାକୁ ଘୋର ବିରୋଧ କରୁଥିଲେ । ତାଙ୍କ ମତରେ ଏହା ହିନ୍ଦୁ ଧର୍ମରେ ଧିରେ ଧିରେ ଘୃଣ୍ୟଭାବ ସୃଷ୍ଟି କରିବ । ୧୮୫୧ ମସିହାରେ 'କଟକ ଆଙ୍ଗ୍ଲୋଭର୍ନାକୁଲାର ସ୍କୁଲ' ଜିଲ୍ଲା ସ୍କୁଲରେ ପରିଣତ ହେଲା । ୧୮୫୩ରେ ପୁରୀ ଓ ବାଲେଶ୍ୱରରେ ମଧ୍ୟ ଜିଲ୍ଲା ସ୍କୁଲ ସବୁ ଖୋଲାଗଲା । କିନ୍ତୁ ଏହାର ବହୁ ପୂର୍ବରୁ ୧୮୪୪ ମସିହାରେ ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ସାତୋଟି ଭର୍ନାକୁଲାର ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ସେ ସମୟରେ ଦାରିଦ୍ର୍ୟ, ଜାତିଆଣ ପ୍ରଥା ଓ ଅନ୍ଧବିଶ୍ୱାସ ଆଦି ଓଡ଼ିଶା ଶିକ୍ଷାର ବିକାଶରେ ପ୍ରଧାନ ପ୍ରତିବନ୍ଧକ ଥିଲା ।

ରେଭେନ୍‌ସା ସାହେବ ବଙ୍ଗଳା ସରକାରଙ୍କୁ ଶିକ୍ଷା ସମ୍ବନ୍ଧୀୟ ପ୍ରଥମ ରିପୋର୍ଟରେ ଦର୍ଶାଇଥିଲେ ଯେ ଓଡ଼ିଶା ଡିଭିଜନରେ ଏକ କଲେଜଏଟ୍ କ୍ଲାସର ପ୍ରତିଷ୍ଠା ହେଉଛି ପ୍ରମୁଖ ଆବଶ୍ୟକତା । ଯାହାଦ୍ୱାରା କି ଓଡ଼ିଆ ନବଯୁବକମାନେ ଏଣ୍ଟ୍ରାନ୍‌ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ସେମାନଙ୍କ ପାଠପଢ଼ା ଜାରି ରହିପାରିବ । କାରଣ ସେହି ସମୟରେ ଏଣ୍ଟ୍ରାନ୍‌ସ ପରୀକ୍ଷା ପାସ ହେଲାପରେ ଉଚ୍ଚଶିକ୍ଷା ନିମିତ୍ତ ସୁଦୂର କଲିକତା ଯିବାକୁ ପଡୁଥିଲା, ଏବଂ ଅର୍ଥାଭାବ ହେତୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ । ୧୮୬୬ର ନଅଙ୍କ ଦୁର୍ଭିକ୍ଷପରେ ଓଡ଼ିଶାର କିଛି ସ୍କୁଲ ଆଉ ସରକାରୀ ସହାୟତା ପାଇଲେ ନାହିଁ । ରେଭେନ୍‌ସା ସାହେବ ଏହାର ଘୋର ବିରୋଧ କରିଥିଲେ । ଦକ୍ଷିଣ ପଶ୍ଚିମ ଡିଭିଜନର ସ୍କୁଲ ଇନ୍‌ସ୍ପେକ୍ଟରଙ୍କୁ ସେ ଚିଠିରେ ଲେଖିଥିଲେ;

> *"I consider it necessary that the government grants to all schools in orissa should at any rate for the present be continued, irrespective of local subscription, owing to famine condition."*

ସେ ତାଙ୍କ ଅଧୀନରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ଦ୍ୱାରା ସ୍ଥାନୀୟ ଲୋକଙ୍କ ଠାରୁ ଚାନ୍ଦା ସଂଗ୍ରହ କରି ସଫଳତାର ସହ ଏହି ସ୍କୁଲ ଗୁଡ଼ିକର ପରିଚାଳନା କରିଥିଲେ । ଶେଷରେ ୧୮୬୮ ମସିହା ଜାନୁଆରୀ ୨୬ ତାରିଖରେ ସରକାରଙ୍କ ଜଏଣ୍ଟ ସେକ୍ରେଟାରୀ ଓଡ଼ିଶାର ସ୍କୁଲ ଗୁଡ଼ିକୁ ସରକାରୀ ସାହାଯ୍ୟ ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ବର୍ଷ ବଙ୍ଗଳା ସରକାର ଶିକ୍ଷା ଦେବାର ମାଧ୍ୟମ ବିଷୟରେ ଏକ ତଦନ୍ତ କମିଟି ବସାଇଥିଲେ । ଏଥିରେ ଆର୍. ଏଲ୍. ମାର୍ଟିନ୍ ମତ ଦେଇଥିଲେ, ଯେହେତୁ ସମସ୍ତ ପାଠ୍ୟପୁସ୍ତକ ଓଡ଼ିଆରେ ଉପଲବ୍ଧ ନାହିଁ, ତେଣୁ ଜିଲ୍ଲା ସ୍କୁଲ ଗୁଡ଼ିକରେ ଓଡ଼ିଆ କିମ୍ବା ବଙ୍ଗାଳୀ ଭାଷା ମଧ୍ୟରୁ ଯେକୌଣସି ଇଚ୍ଛାଧୀନ ଭାଷାରେ ଶିକ୍ଷା ଦିଆଯାଉ । ରେଭେନ୍‌ସା ସାହେବ ଏହାକୁ ବିରୋଧ କରି ସରକାରଙ୍କୁ ଲେଖିଥିବା ଏକ ଚିଠିରେ ଦର୍ଶାଇଥିଲେ ଯେ, ଯେହେତୁ ଓଡ଼ିଶାର ପ୍ରାୟ ସବୁ ବିଦ୍ୟାଳୟରେ ବଙ୍ଗାଳୀ ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତି, ତେଣୁ ଯଦି ଏପରି ଯୋଜନା କାର୍ଯ୍ୟକାରୀ ହୁଏ ତେବେ ଏହା ଓଡ଼ିଶାର ଶିକ୍ଷାପ୍ରତି ବଡ଼ କ୍ଷତିକାରକ ହେବ । ସେ ପ୍ରସ୍ତାବ ଦେଇଥିଲେ ଯେ ସରକାର ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ ସହଯୋଗ କରିବା ଦରକାର । ଯାହାଦ୍ୱାରା କଟକ ଡିଭିଜନ, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାମାନଙ୍କରେ ଥିଲା ସ୍କୁଲ ଗୁଡ଼ିକରେ ଓଡ଼ିଆରେ ଶିକ୍ଷା ଦିଆଯାଇପାରିବ । ରେଭେନ୍‌ସାଙ୍କ ଉଦ୍ୟମରେ ଓଡ଼ିଶାର ଶିକ୍ଷା ବିଭାଗରେ ଯେପରି ଓଡ଼ିଆ ପାଠ୍ୟପୁସ୍ତକମାନ ପ୍ରଚଳିତ ହୋଇପାରିଥିଲା, ତାହା ଉଲ୍ଲେଖକରି ଉତ୍କଳ ଦୀପିକାରେ ସଂପାଦକ ଗୌରୀଶଙ୍କରଙ୍କର ଜୀବନୀକାର ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥ, 'କର୍ମଯୋଗୀ ଗୌରୀଶଙ୍କର' ପୁସ୍ତକରେ ଲେଖିଛନ୍ତି;

"... ଉତ୍କଳର ଶାସନକର୍ତ୍ତା ରେଭେନ୍‌ସା ସାହେବ ଜୟଯୁକ୍ତ ହୋଇ ଦିଗୁଣ ଉତ୍ସାହରେ ଉତ୍କଳର ଉନ୍ନତିର ଯାବତୀୟ ଅନ୍ତରାୟ ଦୂର କରିବାରେ କୃତପ୍ରଯତ୍ନ ହୋଇଥିଲେ, ତାହାର ଫଳରେ ଶିକ୍ଷା ବିଭାଗର ନିର୍ଦ୍ଦେଶକ ସାହେବ ସରକାରୀ ବ୍ୟୟରେ ପାଠ୍ୟ ପୁସ୍ତକମାନ ମୁଦ୍ରାଙ୍କନ କରାଇବା ପାଇଁ ପୁନଃ ପୁନଃ ଘୋଷଣା କରିବାକୁ ଲାଗିଲେ" । ଟି. ଇ. ରେଭେନ୍‌ସାଙ୍କ ନିରନ୍ତର ଉଦ୍ୟମ ଫଳରେ ଓଡ଼ିଶାର ସ୍କୁଲ ଗୁଡ଼ିକରେ କେବଳ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା ହୋଇଥିଲା । ସେ ଆହୁରି ମଧ୍ୟ

ଯୁକ୍ତି କରିଥିଲେ ଯେ, ଜଣେ ଓଡ଼ିଆ ଲୋକ ଓଡ଼ିଶାରେ ଥିବା ସ୍କୁଲ ମାନଙ୍କର ଇନ୍‌ସ୍ପେକ୍ଟର ଦାୟିତ୍ୱରେ ରହିବେ । ୧୮୭୭ ମସିହାରେ ରାଧାନାଥ ରାୟ ଓଡ଼ିଶାର ସ୍କୁଲ ଇନ୍‌ସ୍ପେକ୍ଟର ଭାବେ ନିଯୁକ୍ତି ପାଇଥିଲେ ।

ସେ ସମୟରେ ଓଡ଼ିଶାରେ ନାରୀ ଶିକ୍ଷାପ୍ରତି ଲୋକମାନେ ଉଦାସୀନ ଥିଲେ । ଲୋକଙ୍କର ଅନ୍ଧବିଶ୍ୱାସ ଥିଲା ଯେ, ଯଦି ପରିବାରର ଝିଅଟିଏ ଶିକ୍ଷାଲାଭ କରିବ ତେବେ ପରିବାରଟି ଅକାଳରେ ଧ୍ୱଂସ ପାଇଯିବ । ଏହାର ଜ୍ୱଳନ୍ତ ଉଦାହରଣ ଫକୀର ମୋହନଙ୍କ ରଚିତ ରେବତୀ କ୍ଷୁଦ୍ରଗଳ୍ପଟି ଅଟେ । ରେଭେନ୍‌ସା ସାହେବ ବହୁ ପରିମାଣର ଅର୍ଥ ନାରୀ ଶିକ୍ଷାର ବିକାଶପାଇଁ ମଞ୍ଜୁର କରିଥିଲେ । ତାଙ୍କର ଆର୍ଥିକ ସହାୟତାରେ କଟକ ଗାର୍ଲସ ସ୍କୁଲ ରାଜ୍ୟରେ ନାରୀଶିକ୍ଷାର ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ପରେ ୧୮୭୩ ମସିହାରେ ଏହି ସ୍କୁଲକୁ 'ରେଭେନ୍‌ସା ହିନ୍ଦୁ ଗାର୍ଲ୍‌ସ ସ୍କୁଲ' ନାମରେ ନାମିତ କରାଯାଇଥିଲା । ଟି. ଇ. ରେଭେନ୍‌ସା ଓ ଡବ୍ଲ୍ୟୁ. ଡି. ଷ୍ଟେୱାର୍ଟଙ୍କ ଉଦ୍ୟମରେ କଟକରେ ପ୍ରଥମଥର ପାଇଁ ମେଡ଼ିକାଲ ସ୍କୁଲର ପ୍ରତିଷ୍ଠା ହୋଇଥିଲା । ରେଭେନ୍‌ସା ସାହେବଙ୍କ ସ୍ୱପ୍ନଥିଲା ଯେପରି ଓଡ଼ିଆମାନେ ଚିକିତ୍ସା ବିଜ୍ଞାନ ଅଧ୍ୟୟନରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇବେ । ତାଙ୍କର ଏହି ସ୍ୱପ୍ନ ସାକାର ହେଲା ୧୮୭୫ ମସିହା ଫେବ୍ରୁଆରୀ ୧୫ ତାରିଖରେ, ଯେବେ କଟକରେ ମେଡ଼ିକାଲ୍ ସ୍କୁଲର ଶୁଭାରମ୍ଭ ହେଲା ।

## ଟି. ଇ. ରେଭେନ୍‌ସା ଓ ନଅଙ୍କ ଦୁର୍ଭିକ୍ଷ :

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ତାଙ୍କ ଶାସନ କାଳରେ ପ୍ରବଳ ଲୋକକ୍ଷୟ ଘଟିଥିବାରୁ ସେ ଏକ ଅମାର୍ଜନୀୟ ଅପରାଧ କରିଥିଲେ ବୋଲି ଫକୀର ମୋହନଙ୍କ ପରି କେହି କେହି ଆକ୍ଷେପ କରିଛନ୍ତି । ମାତ୍ର ଓଡ଼ିଶା ଡିଭିଜନ ସେତେବେଳେ ବଙ୍ଗଳା ସରକାରଙ୍କ ଅଧୀନରେ ଏକ ଉପେକ୍ଷିତ ଅଞ୍ଚଳରୂପେ ପଡ଼ିଥିବାରୁ ଓଡ଼ିଶାର ଦୁର୍ଭିକ୍ଷ ସଂକଟ ପ୍ରତି ବଙ୍ଗଳା ସରକାର କର୍ତ୍ତୃପକ୍ଷ ଦୃଷ୍ଟି ଦେଇପାରିନଥିଲେ ବୋଲି ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ସାର ଷ୍ଟାର୍ଫୋର୍ଡ୍ ନର୍ଥ୍‌କୋଟ୍ ୧୮୬୮ରେ ସ୍ୱୀକାର କରିଥିଲେ । ଏହି ଅଭିଜ୍ଞତାରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ସ୍ୱତନ୍ତ୍ର ଶାସନାଧୀନରେ ରଖିବାପାଇଁ ସାର୍ ଷ୍ଟାର୍ଫୋର୍ଡ୍ ନର୍ଥ୍‌କୋଟ୍ ପ୍ରଶାସନିକ ସ୍ତରରେ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ସ୍ୱର୍ଗତ

ହରେକୃଷ୍ଣ ମହତାବ ତାଙ୍କର ଲିଖିତ ପ୍ରବନ୍ଧ 'ପ୍ରତ୍ୟୁଷର ପ୍ରଥମ କିରଣ'ରେ ନଅଙ୍କ ଦୁର୍ଭିକ୍ଷର ଭୟାବହତା ଓ ରେଭେନ୍ସା କଲେଜର ସୃଷ୍ଟି ସମ୍ବନ୍ଧରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି । ସେଥିରୁ କିଛି ଅଂଶ ନିମ୍ନରେ ଦିଆଗଲା;

୧୮୬୮ ସାଲ ପୁରୀ ରାଜାଙ୍କ ନଅଙ୍କ ଦୁର୍ଭିକ୍ଷରେ ମାତ୍ର ତିନୋଟି ଜିଲ୍ଲା ଓ ଆଖପାଖ ଗଡ଼ଜାତରୁ ପ୍ରାୟ ଦଶଲକ୍ଷ ଲୋକ ମରିଗଲେ । ଏ ଖବର ଯାଇ ଉପର ମହଲରେ ପହଞ୍ଚିବାକୁ ବର୍ଷେ କାଳ ଲାଗିଗଲା । ଜାହାଜରେ ଚାଉଳ ଆସି ପୁରୀ ବନ୍ଦରରେ ପଡ଼ି ରହିଥାଏ ମାତ୍ର ସେଠାରୁ ଗ୍ରାମାଞ୍ଚଳକୁ ସେତିକ ସୁଦ୍ଧା ପଠାଯାଇ ପାରିଲା ନାହିଁ । ସେତେବେଳେ ଧାନ ଯାହା ପାଖରେ ଥାଏ ସେ ବଡ଼ଲୋକ । ନୋଟ କାରବାର ନଥିଲା, ଧାନ ଦର ଖୁବ୍ ଚଢ଼ିଯାଉଥାଏ, ଅବସ୍ଥା ବିଚାର କରିବାପାଇଁ ରେଭେନ୍ସା ସାହେବ କେତେଜଣ ଭଦ୍ରଲୋକଙ୍କୁ ଡାକି ପରାମର୍ଶ କଲେ । ଭଦ୍ରଲୋକମାନେ ମତ ଦେଲେ ଯେ ଅବସ୍ଥା ସେପରି ସାଂଘାତିକ ନୁହେଁ । ତେଣୁ ଧାନ ଚାଲାଣ ବନ୍ଦ କରିବାର ଆବଶ୍ୟକତା ନାହିଁ । ଫଳରେ ଓଡ଼ିଶାରେ ଅବାଧଭାବରେ ଗଚ୍ଛିତ ଧାନ ସବୁ ବାହାରକୁ ଗଲା । ଭିତରେ ମଧ୍ୟ ସୁନା, ରୁପା, କଂସାକୁ ମାଟି ଗୋଡ଼ି ଦରରେ ନେଇ ମହାଜନମାନେ ଧାନ ବିକିଲେ । ଫଳରେ ରାଜ୍ୟରେ ଅନାହାର ସୃଷ୍ଟି ହୋଇ ଲକ୍ଷ ଲକ୍ଷ ଲୋକ ମଲେ । ଏହି ଖବର ବଡ଼ଲାଟଙ୍କ କାନକୁ ଗଲା । ସେ ସ୍ଥିର କଲେ ଓଡ଼ିଶା ଆସି ବୁଲିଯିବାପାଇଁ । ଲର୍ଡ୍ ମେୟୋ ସେ ସମୟର ବଡ଼ଲାଟ କଲିକତାରୁ ଜାହାଜରେ ବାହାରି ଅନ୍ଦାମାନ ପରିଦର୍ଶନ କରି ସେଠୁ ଫୁକଟୋଲା ବାଟେ କଟକ ଆସିବାର ଗ୍ରସ୍ତ ନିର୍ଘଣ୍ଟ ପ୍ରସ୍ତୁତ ହେଲା । ବଡ଼ଲାଟଙ୍କ ସମ୍ବର୍ଦ୍ଧନାର ଆୟୋଜନ କରିବାପାଇଁ ରାଜା ମାନଙ୍କୁ ନିମନ୍ତ୍ରଣ କରାଗଲା । ସେହି ସମ୍ବର୍ଦ୍ଧନାପାଇଁ ଅର୍ଥ ସଂଗୃହିତ ହେଲା । ବଡ଼ଲାଟ କଟକ ଆସି କମିସନର ସାହେବଙ୍କ ଅତିଥି ହେବେ । କିନ୍ତୁ ଲର୍ଡ଼ ମେୟୋ ଅନ୍ଦାମାନରେ ସେରଅଲ୍ଲୀ ନାମକ ଏକ ଆଫଗାନ ବନ୍ଦୀଦ୍ୱାରା ନିହତ ହେଲେ । କିଛିଦିନ ପରେ ଖବର ଆସି ପହଞ୍ଚିଲା କଟକରେ । କିନ୍ତୁ ତାଙ୍କୁ ସମ୍ବର୍ଦ୍ଧନା ପାଇଁ ସଂଗ୍ରହ ହୋଇଥିବା ଅର୍ଥ ଥାଏ କମିସନର ରେଭେନ୍ସା ସାହେବଙ୍କ ପାଖରେ । ସେ ସ୍ଥିର କଲେ ଯେ ସେହି ଅର୍ଥରେ କଟକରେ ଏକ କଲେଜ ସ୍ଥାପନା କରାଯାଉ । କଚେରୀ ପାଖରେ ଘର ତିଆରି କାମ ଲାଗିଲା । ରେଭେନ୍ସା କଲେଜର ପ୍ରତିଷ୍ଠା

ହେଲା । ଏଥିରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଯେଉଁ ଦୁର୍ଭିକ୍ଷ ପଡ଼ିଥିଲା ସେଥିରୁ ରକ୍ଷା ପାଇବା ପାଇଁ ଏକ ବଡ଼ ପଦକ୍ଷେପ ନେଇଥିଲେ ।

## ରେଭେନ୍‌ସା କଲେଜର ସ୍ଥାପନ:

ଟି. ଇ. ରେଭେନ୍‌ସାଙ୍କର ଓଡ଼ିଶାର ଶିକ୍ଷାପ୍ରତି ସର୍ବଶ୍ରେଷ୍ଠ ଅବଦାନ ହେଉଛି ରେଭେନ୍‌ସା କଲେଜର ସ୍ଥାପନା । ଓଡ଼ିଶାରେ ଏକ ଡିଗ୍ରୀ କଲେଜ ଖୋଲିବାପାଇଁ ରେଭେନ୍‌ସା ସାହେବ ପ୍ରଥମେ ସରକାରଙ୍କୁ ଅନୁରୋଧ କରିଥିଲେ । ପରେ ବଙ୍ଗଳାର ଗଭର୍ଣ୍ଣର ସାର୍ ରିଚାର୍ଡ୍ ଟେମ୍ପଲ କଟକରେ ଏକ କଲେଜ ଖୋଲିବାପାଇଁ ରାଜି ହୋଇଥିଲେ । ତାଙ୍କର ସର୍ତ୍ତ ଥିଲା ଯେ କଲେଜ ପାଇଁ ଆବଶ୍ୟକ ହେଉଥିବା ଅର୍ଥରୁ ୩୦ ହଜାର ଟଙ୍କା ଲୋକମାନଙ୍କ ଠାରୁ ଚାନ୍ଦା ଆକାରରେ ସଂଗୃହିତ ହେବ । ରେଭେନ୍‌ସା ସାହେବ ଏହି ୩୦ ହଜାର ଟଙ୍କା ସଂଗ୍ରହ କରିବାର ପ୍ରତିଶୃତି ଦେଇଥିଲେ ଏବଂ ସରକାରଙ୍କ ପାଖରେ ମାସିକ ୫୦୦ ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ କଲେଜକୁ ପ୍ରଦାନ କରିବାକୁ ଦାବୀ କରିଥିଲେ । ରେଭେନ୍‌ସା ସାହେବଙ୍କ ଉଦ୍ୟମରେ ମୋଟେ ୬ ଜଣ ଛାତ୍ରଙ୍କୁ ନେଇ କଲେଜର କ୍ଲାସ ଆରମ୍ଭ ହୋଇଥିଲା । ୧୮୬୮ ମସିହାରେ ରେଭେନ୍‌ସା କଲେଜର ସ୍ଥାପନ ହେଲା । ସେତେବେଳେ ଏହା କଟକ କଲେଜ ନାମରେ ପରିଚିତ ଥିଲା । ଏହା ପ୍ରଥମେ କଚେରୀ ପାଖରେ ଥିବା ଘରେ ଆରମ୍ଭ ହୋଇଥିଲା । ଏହାପରେ ରେଭେନ୍‌ସା କଲେଜର ନୂତନ ଗୃହର ଭିତ୍ତିପ୍ରସ୍ତର ବିହାର ଓ ଓଡ଼ିଶାର ଗଭର୍ଣ୍ଣର ସାର୍ ଏଡ଼ୱାର୍ଡ୍ ଗେଟ୍‌ଙ୍କ ଦ୍ୱାରା ନଭେମ୍ବର ୧୧ ତାରିଖ ୧୯୧୯ ମସିହାରେ ଚକ୍ର ପଡ଼ିଆ (ଏବେକାର ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଯେଉଁଠାରେ ଅବସ୍ଥିତ) ଠାରେ ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ କାଳରେ ୧୮୭୯ ମସିହାରେ ମୟୁରଭଞ୍ଜ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ କଲେଜପାଇଁ ୨୦ ହଜାର ଟଙ୍କା ଦାନ କରିଥିଲେ । ଟି. ଇ. ରେଭେନ୍‌ସାଙ୍କ ମତରେ;

*"The establishment of a college in cuttack is an object of personal intrest to myself and also of greatest importance to the spread of Higher education in orissa."*

ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବାପାଇଁ ତାଙ୍କର ଆନ୍ତରିକ ଉଦ୍ୟମ ଓ ଓଡ଼ିଶାରେ ଆଧୁନିକ ଶିକ୍ଷାର ବିକାଶ ପାଇଁ ମୟୁରଭଞ୍ଜ ମହାରାଜା କଟକ କଲେଜ ନାମକୁ ରେଭେନ୍ସା କଲେଜ ନାମରେ ନାମିତ କରିବା ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ଆଣିଥିବା ବୈପ୍ଳବିକ ପରିବର୍ତ୍ତନ ପାଇଁ ତାଙ୍କୁ ଓଡ଼ିଶାର ଆଧୁନିକ ଶିକ୍ଷାର ଜନକ କହିଲେ ଅତ୍ୟୁକ୍ତି ହେବନାହିଁ ।

ରେଭେନ୍ସା ସାହେବ ଯେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଥିଲେ ତାହା ନୁହେଁ, ଓଡ଼ିଶାର ଲୋକେଥିଲେ ତାଙ୍କର ଅତି ଆପଣାର ପ୍ରିୟ ମଣିଷ । ୧୮୯୮ ସାଲ ନଭେମ୍ବର ୩୦ ତାରିଖରେ ରେଭେନ୍ସାଙ୍କ ସେ ଚିଠିର ଫିକା ନେଳିଆ ପୃଷ୍ଠା ଆଜି ଅସ୍ପଷ୍ଟ ମାତ୍ର ସେଥିରେ ଜଣେ ଅବସରପ୍ରାପ୍ତ ଇଂରେଜ କମିଶନରଙ୍କର କର୍ମଭୂମି ଓଡ଼ିଶା ପ୍ରତି ଯେଉଁ ଆନ୍ତରିକତା ପ୍ରତିଫଳିତ ହେଉଛି ତାହା ଅସ୍ପଷ୍ଟ ନୁହେଁ । ରେଭେନ୍ସା ସାଉଥହିଲ୍ ନର୍ଥ ସସେକ୍ସରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କୁ ଲେଖିଥିଲେ;

*" I enclose you a X-mas Card and my hearty and best wishes will be with you not only your self but with all my dear old Oriya friends. Will you kindly let every of them who remember me know that my heart is still in Orissa and though I am growing old they are not forgotten. x x I pray you may enjoy peace plenty and progress, especially in education........."*

ଏହିପରି ଭାବରେ ନିଜର ଦାୟିତ୍ୱ ନିର୍ବାହ କରି ୧୮୭୬ ମସିହାରେ ସେ ଓଡ଼ିଶାରୁ ବିଦାୟ ନେଇଥିଲେ । ୧୯୧୪ ଫେବୃଆରୀ ୪ ତାରିଖରେ ଟି. ଇ. ରେଭେନ୍ସାଙ୍କର କର୍ମବହୁଳ ଜୀବନର ପରିସମାପ୍ତି ହୋଇଥିଲା । ତାଙ୍କୁ ଫୁଲହାମଠାରେ ସମାଧି ଦିଆଯାଇଥିଲା । ରେଭେନ୍ସାଙ୍କ ମୃତ୍ୟୁକୁ ୧୦୦ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିବି ତାଙ୍କର ସ୍ମୃତିକୁ ଧରି ରଖିଛି ଓଡ଼ିଶାର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟ । ସେଦିନ ରେଭେନ୍ସା ସାହେବ ଓଡ଼ିଶାରେ ପୋତିଥିବା ଆଧୁନିକ ଶିକ୍ଷାର ଛୋଟିଆ ବୀଜଟିଏ ଆଜି ମହାଦ୍ରୁମରେ ପରିଣତ ହୋଇଛି । ଆଜି ରେଭେନ୍ସା

ବଶ୍ୱବଦ୍ୟାଳୟରୁ ଅଗଣିତ ଛାତ୍ରଛାତ୍ରୀ ନଜ ନଜର ଶିକ୍ଷା ସମାପ୍ତ କର ସମାଜର ବଭିନ୍ନ କ୍ଷେତ୍ରରେ ନଜକୁ ପ୍ରତଷ୍ଠା କର ଓଡ଼ିଶାର ବକାଶ ଦଗରେ କାର୍ଯ୍ୟ କରୁଛନ୍ତ । ଏସବୁ ଦେଖିଲେ ମନେହୁଏ ସେଦନ ରେଭେନ୍ସା ସାହେବ ଦେଖିଥିବା ସ୍ୱପ୍ନ ସତରେ ଆଜ ବାସ୍ତବରେ ପରଣତ ହୋଇଛ ।

ସାମ୍ବାଦକ ଓ ଗଣମାଧମ ଯୋଗାଯୋଗ ବଭାଗ ଛାତ୍ର
ରେଭେନ୍ସା ବଶ୍ୱବଦ୍ୟାଳୟ, କଟକ

# ପରଧନରେ ମଙ୍ଗଳବାର

ଦିଲ୍ଲୀପ କୁମାର ଦାସ

ଆମ ଓଡ଼ିଶାରେ ଗୋଟିଏ ଢଗ ଅଛି, 'ପର ଧନରେ ମଙ୍ଗଳବାର', ଅର୍ଥାତ ନିଜ ଅର୍ଥରୁ ଖର୍ଚ୍ଚ ନକରି ବହୁ ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରିବା ଏବଂ ଉତ୍ସବ ପାଳନ କରିବା । ଆଜିର ଚିଟ୍ ଫଣ୍ଡ କମ୍ପାନୀ ମାଲିକ ଏବଂ ବିଶ୍ୱଭଳି ହାତଗଣତି କିଛି ସ୍ୱେଚ୍ଛାସେବୀ ସଂସ୍ଥା, ତା ସହିତ ଏମାନଙ୍କ ସହ ସାମିଲ ହୋଇଥିବା ବାବୁଭାୟା ଏବଂ ରାଜନେତାମାନେ ଠିକ୍ ଏହିଭଳି ପରଧନରେ ମଙ୍ଗଳବାର କରିଚାଲିଛନ୍ତି । ଏ ସମସ୍ତ ଶ୍ରେଣୀର ଲୋକଙ୍କ କଥା ବିଚାର କରିବା ।

ପ୍ରଥମେ ନେବା ଚିଟ୍ ଫଣ୍ଡ କମ୍ପାନୀ ଗୁଡ଼ିକ ପ୍ରକୃତରେ ଚିଟ୍ ଫଣ୍ଡ ବା ଠକ ପାଣ୍ଠି କମ୍ପାନୀ ଭଳି କାମ କରିଛନ୍ତି ବୋଲି ଏବେ ପ୍ରମାଣିତ ହୋଇଗଲାଣି । କୋଟି କୋଟି ଗରୀବ ଲୋକଙ୍କ ଝାଳବୁହା ଧନକୁ ଠକ ଉପାୟରେ ନିଜ ପାଖକୁ ନେବା କମ୍ପାନୀଙ୍କୁ ଠକ କମ୍ପାନୀ କହିବା ନାହିଁ ତ ଆଉ କଣ କହିବା ? ସାହାରା, ଶାରଦା, ଅର୍ଥତତ୍ତ୍ୱ, ସିଶୋର୍, ନବଦିଗନ୍ତ, ରେଜ୍ଭ୍ୟାଲି, ସାଇପ୍ରଗତି, ପଲ୍ସ ଇଣ୍ଡିଆ, ବଂଶୀ ଆହୁରି କେତେ କଣ ସୁନ୍ଦର ସୁନ୍ଦର ନାମ ବହନ କରୁଥିବା ଏମିତି କେତେ ଯେ କମ୍ପାନୀ ଛତୁ ଫୁଟିଲା ଭଳି ମାଡ଼ି ଯାଇଛନ୍ତି ତାହାର ହିସାବ କରିବା ଏକ କାଠିକର ପାଠ । ଏମାନଙ୍କର ଫନ୍ଦିଫିକର ବୁଝିବା ଗାଁ ଗହଳର ସରଳ ମା'ଟିଏ କପରି ବୁଝିବ ? ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗଜେନ୍ଦ୍ର କିଶୋର ପଣ୍ଡା ଓ ସ୍ୱନାମଧନ୍ୟ ସାହିତ୍ୟିକ ମନୋଜ ଦାସଙ୍କ ଭଳି ବିଜ୍ଞବ୍ୟକ୍ତି ମାନେ ଯେତେବେଳେ ଚିଟ୍ ଫଣ୍ଡ କମ୍ପାନୀଙ୍କ ମାୟା ବୁଝିପାରିଲେନି, ଆମେ ତମେ ଭଳି ସାଧାରଣ ଲୋକେ ଏ ମାୟାକୁ ବୁଝିବେ କେମିତି ? ଗରୀବ ଲୋକ, ଖଟିଖିଆ ମଣିଷ, ଛୋଟ ସରକାରୀ ଚାକିରୀଟିଏ କରିଥିବା ବ୍ୟକ୍ତି ଚିଟ୍‌ଫଣ୍ଡ କମ୍ପାନୀ ମାନଙ୍କ ମାୟା ବୁଝିନପାରି ନିଜର ଝାଳବୁହା ଧନ ଏମାନଙ୍କ ପାଖରେ ଜମାକରି ଅପେକ୍ଷା କଲେ ବାଘ ଧରିଥିବା ସୁନା କଙ୍କଣ ହେବେ ମିଳିବ !

କିନ୍ତୁ ସୁନା କଙ୍କଣ ମିଳିବ କଣ ଶେଷକୁ ଧନଗଣ୍ଡାକ ମିଳିବ କି ନାହିଁ ଏବେ ସନ୍ଦେହ ଭିତରେ ।

ହଜାର ହଜାର କୋଟିର ଏହି ଧନକୁ ନେଇ ଚିଟ୍ ଫଣ୍ଡ ବା ଠକ କମ୍ପାନୀର ମାଲିକମାନେ କଣ କରୁଥିଲେ ତାହାର ଗୁମର କଥା ଏବେ ଧିରେ ଧିରେ ଖୋଲିବାରେ ଲାଗିଛି । କୋଉ ମାଲିକ ଆମକୁ ଚୂଡ଼ା ପାଉଡ଼ର ବିକି ନିଜେ ସନ୍ନି ଲିଓନଙ୍କ ଭଳି ଲଳନା ମାନଙ୍କ ସହ ରତିକ୍ରୀଡ଼ାରେ ମଗ୍ନ ରହିଲେଣି ତ କିଏ ନିଜ ଗାଁ ଜଗତସିଂ ଅଞ୍ଚଳକୁ ଯିବାକୁ ହେଲିକପ୍ଟର ଭଡ଼ାରେ ନେଲେଣି । ଆଉ କିଏ ଟିଭି ଚ୍ୟାନେଲ ଖୋଲି ବେପାର କଲେଣି ତ କିଏ ଇଞ୍ଜିନିୟରିଂ କଲେଜ ଖୋଲି ଆଉ କିଛି ଗରୀବ ବାପାମା'ଙ୍କୁ ଶୋଷଣ କରିବାର ବାଟ ଖୋଲିଦେଲେଣି । ଏସବୁର ପ୍ରଚାର ପାଇଁ ପୁଣି ଟିଭି ଚ୍ୟାନେଲ, ଖବର କାଗଜରେ କୋଟି କୋଟି ଟଙ୍କାର ପ୍ରଚାର କରେଇ ମନ୍ତ୍ରୀନେତାଙ୍କୁ ଡାକି ବଡ଼ ବଡ଼ ଉତ୍ସବ ପାଳନ ଆୟୋଜନ ମଧ୍ୟ କରିଛନ୍ତି । 'କହି ପାରିଲି ଯିଏ, ପଚା ମାଛ ବିକିଲି ସିଏ' ନ୍ୟାୟରେ ଏହି ପ୍ରଚାର ପ୍ରସାର କରି ଲୋକଙ୍କ ପାଖରେ ସହଜରେ ପହଞ୍ଚି ବ୍ୟବସାୟ ବଢ଼େଇ ଚାଲିଲେ ।

ଏହି ସବୁ ଠକ ସଂସ୍ଥାଙ୍କ ସହ ହାତ ମିଶାଇଛନ୍ତି କିଛି ନିଆଁଗିଳା ରାଜନୈତିକ ବ୍ୟକ୍ତିତ୍ୱ । ଲୋକଙ୍କ ସେବା କରିବେ ବୋଲି କହି ଭୋଟ ନେଇଥିବା ଏହି ନେତାମାନେ କିନ୍ତୁ ପ୍ରକୃତରେ ଏହି ଚିଟ୍ ଫଣ୍ଡ ବା ଠକ କମ୍ପାନୀ ମାଲିକ ମାନଙ୍କ ବୋଲକରା ପାଲଟି ଯାଇଛନ୍ତି । ବୋଲକରା ବନି ଏହି ନିଆଁଗିଳା ନେତାମାନେ ଭଲ ମୋଟା ରକମ ମଧ୍ୟ କମେଇ ପାରିଛନ୍ତି । ଏମାନଙ୍କ ମଧ୍ୟରୁ ପଟେ ଦପଟ ଏ ମଧ୍ୟରେ ସିବିଆଇ କବଜାରେ ପଡ଼ି ଜେଲର ହାଣ୍ଡି ଖାଉଛନ୍ତି । ଏମାନଙ୍କର ସଂପୃକ୍ତି ନ ଥିଲେ ଏହି କମ୍ପାନୀମାନେ ଯେ ଏତେ ଉପରକୁ ଉଠିପାରିନଥାନ୍ତେ ଏହା ବୁଝିବାକୁ ଆଉ ବାକି ନାହିଁ । ଅଥଚ ଏହି ନେତାମାନେ ଏବେ ମଧ୍ୟ ସଫେଇ ଦେଉଛନ୍ତି ଯେ ସେମାନେ ଠକାଠକି କାମରେ ସଂପୃକ୍ତ ନୁହନ୍ତି । କିନ୍ତୁ ସାଧାରଣ ଲୋକଙ୍କୁ ବୁଝିବାକୁ ବାକି ନାହିଁଯେ ଏପରି ନେତାମାନଙ୍କ ନିରଭୟ ନଥିଲେ ଏହି କମ୍ପାନୀମାନେ ନିର୍ଭୟରେ ବେପାର କରି ପାରି ନଥାନ୍ତେ । ଏହି ଠକ ପାର୍ଟି ମାନଙ୍କ ବିଜ୍ଞାପନରେ ନେତାମାନଙ୍କ ଫଟୋ ଛପା ହୁଏ, ସେମାନଙ୍କ ଟିଭି ଚ୍ୟାନେଲ ଉଦ୍‌ଘାଟନ ଉତ୍ସବରେ ନେତାମାନେ ଅତିଥି ଭାବରେ ଯୋଗ ଦିଅନ୍ତି, ମଦ ଫ୍ୟାକ୍ଟ୍ରି ଖୋଲିବା ପାଇଁ ନେତାମାନେ ପ୍ରାଣପଣେ ଚେଷ୍ଟା କରନ୍ତି, ୧୭ ଦିନିଆ କମ୍ପାନୀ ମାଲିକଙ୍କୁ ବିଶିଷ୍ଟ ସମବାୟବିତ ବୋଲି ପୁରସ୍କାର ଦିଅନ୍ତି, ଏମାନଙ୍କ ଟଙ୍କାରେ ନୂଆ ନୂଆ ଖବର କାଗଜ ମଧ୍ୟ ଛାପନ୍ତି, ନିୟମ ବାହାରକୁ ଯାଇ ଗଣ୍ଡା ଗଣ୍ଡା ସରକାରୀ ଡାକ୍ତରଖାନା ଏହି କମ୍ପାନୀ ମାନଙ୍କ ହାତକୁ ଟେକି ଦିଅନ୍ତି, ଜମି ବିକିଛନ୍ତି ବୋଲି ଟଙ୍କା ନେଇ ପୁଣି ନଗଦ

ଆକାରରେ ଫେରେଇଛୁ ବୋଲି କହି ୨୫-୩୦ ଲକ୍ଷ ଟଙ୍କା ହଡ଼ପ କରନ୍ତି ଆହୁରି ଅନେକ ।

ଆହୁରି ଗୋଟିଏ ଗୋଷ୍ଠୀ ଏହି ଠକପାଣ୍ଟି କମ୍ପାନୀମାନଙ୍କୁ ଆକାଶଛୁଆଁ ସଫଳତା ପାଇବା ଦିଗରେ ସାହାଯ୍ୟ କରିଛନ୍ତି ସେମାନେ ହେଲେ ଆମ ଶାସନ ବ୍ୟବସ୍ଥାର ବଡ଼ବାବୁ ମାନେ, ଅର୍ଥାତ ଆଇ.ଏ.ଏସ୍., ଓ.ଏ.ଏସ୍., ଆଇ.ପି.ଏସ୍. ଇତ୍ୟାଦି ଇତ୍ୟାଦି । ମାଇକ୍ରୋଫାଇନାନ୍ସ ନାମକ ଏକ ଠକ କମ୍ପାନୀର ବେପାର ବଢ଼ାଇବା ପାଇଁ ପଞ୍ଚାୟତିରାଜ ବିଭାଗର ସର୍ବୋଚ୍ଚ କାର୍ଯ୍ୟାଳୟରୁ ସବୁ ଜିଲ୍ଲା ସ୍ତରର କାର୍ଯ୍ୟାଳୟକୁ ଚିଠି ଲେଖିଥିଲେ ଏଭଳି କିଛି ବଡ଼ବାବୁ । ଏ ସମ୍ବନ୍ଧରେ ଧରପଡ଼ିବା ପରେ ସଚିବାଳୟରେ ଏହି ବିଭାଗର ସବୁ କମ୍ପ୍ୟୁଟରରେ ନିଆଁ ଲାଗିଥିଲା । ଅର୍ଥାତ ସବୁ କଳାକାରନାମାର କାଗଜପତ୍ର, ପ୍ରମାଣ ପୋଡ଼ି ନଷ୍ଟ କରିଦିଆଗଲା । ଏସବୁ ନିଆଁଗିଳା କାମ ନୁହେଁ ତ ଆଉ କଣ ?

ଏମାନେ ସବୁ ଧରପଡ଼ିଯିବା ଭୟରେ ନେତାମନ୍ତ୍ରୀଙ୍କୁ ଧରି ସରକାରଙ୍କ ତରଫରୁ ସର୍ବୋଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରାଇ ଦେଲେ ଯେ, ସିବିଆଇ ତଦନ୍ତର ଆବଶ୍ୟକତା ନାହିଁ, କାରଣ କ୍ରାଇମ୍‌ବ୍ରାଞ୍ଚ ଠିକ୍ ଭାବରେ ତଦନ୍ତ କରୁଛି ଏବଂ ଠକପାଣ୍ଟି କମ୍ପାନୀ ମାନଙ୍କ ବଡ଼ମୁଣ୍ଡ ମାନଙ୍କୁ ଗିରଫ କରିସାରିଛି । କିନ୍ତୁ ଏବେ ଯେତେବେଳେ ସିବିଆଇ ତଦନ୍ତ ହେଉଛି ସେଥିରୁ ପ୍ରମାଣିତ ହେଉଛି ଯେ ତଦନ୍ତକାରୀ କ୍ରାଇମ୍‌ବ୍ରାଞ୍ଚ ଓ କମିଶନରେଟ୍ ପୋଲିସବାବୁମାନେ ମଧ୍ୟ ଦୁର୍ନୀତି ଗଙ୍ଗାରେ ବୁଡ଼ ପକାଇଛନ୍ତି । ସେମାନଙ୍କ ମଧ୍ୟରୁ ମୁଖିଆ ପୁଲିସଙ୍କୁ ଡାକି ସିବିଆଇ ଜେରି କରିସାରିଲାଣି ।

ସଦ୍ୟତମ ଖବର ହେଉଛି ଯେ ଏହି ପୁଲିସ ବାବୁଙ୍କ ଭିତରୁ ଜଣେ କରିତକର୍ମା ପଣ୍ଡାବାବୁ ସିବିଆଇ ଜାଲରେ ପଡ଼ିଛନ୍ତି । ଜାଲରେ ପଡ଼ିବା ପୂର୍ବରୁ ବାବୁ ଅନେକ କିଛି କାରନାମା କରିଛନ୍ତି । ସେ ତ ନିଜେ ଗୋଟେ କମ୍ପାନୀ, ତା ସହିତ ଉଚ୍ଚତମ ନ୍ୟାୟାଳୟରେ ଯାଇ ଆବେଦନକାରୀଙ୍କୁ ପୁଲିସିଆ ଢଙ୍ଗରେ ଧମକ ଚମକ ବି ଦେଇ ସାରିଛନ୍ତି । ଅବଶ୍ୟ ସେ ସେଠାକୁ ନିଜେ ଯାଇଥିଲେ କି କଂସର ଆଦେଶରେ ଅକ୍ରୂର ସାଜି ଦିଲ୍ଲୀ ଯାଇଥିଲେ ତାହା ଏବେ ବି ସନ୍ଦେହ ଭିତରେ । ସିବିଆଇ ସଣ୍ଢୁଆସୀରୁ ରକ୍ଷା ପାଇବାପାଇଁ ବାବୁ ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ଆବେଦନ କରିଥିଲେ । ବାବୁଙ୍କ ଦୁର୍ଯୋଗକୁ ଆବେଦନ ଖାରଜ ହୋଇଗଲା । ଆଉ ବାବୁ ଏବେ ଘଣା ପେଲୁଛନ୍ତି । ଅବଶ୍ୟ ଏହି ବାବୁଜଣଙ୍କ ଯେ ଜାମିନ ଆବେଦନ କରିଥିଲେ ତାହା ନୁହେଁ, ଏବେ ଆହୁରି କିଛି ବାବୁ ଆଗୁଆ

ଜାମିନ ଆବେଦନ କରିଛନ୍ତି । ସେମାନଙ୍କ ଭିତରେ ଜଣେ କରିତ୍କର୍ମା ଓକିଲବାବୁ ପଣ୍ଡାବାବୁ ଅଛନ୍ତି, ଯିଏ କି ଅନ୍ୟମାନଙ୍କ ନାମରେ କୁସ୍ତାରଟନା କରାଇବାରେ ସିଦ୍ଧହସ୍ତ । ନିଜକୁ ନିରୋଳା ଅରୁଆ ଚାଉଳ ବୋଲି ଦେଖେଇ ହେଉଥିବା ଏହି ଓକିଲ ପଣ୍ଡାବାବୁ କାହିଁକି ଜାମିନ ଆବେଦନ କରୁଛନ୍ତି ବୁଝି ହେଉନି । ଅବଶ୍ୟ ତାଙ୍କଠାରୁ ଆହୁରି ଟାଣୁଆ ଓକିଲବାବୁ ଯିଏକି ଓକିଲଙ୍କ ସେନାପତି ଥିଲେ ସିଏ ବହୁକଷ୍ଟରେ ଦୁଇଚାରିଦିନ ଜେଲ ଭାତ ଖାଇଲା ପରେ ରାଜନୀତି କରି ଜାମିନ ପାଇ ବାହାରକୁ ଆସିଛନ୍ତି । ତାଙ୍କ ଘର କିଣା କାରନାମା କହିଲେ ବହୁତ ଲମ୍ବା ହେବ, କାରଣ କୋଟିଏ ଟଙ୍କିଆ ଘର ସେଇ କିଣିଥିଲେ, ଯେଉଁଥିରୁ ତିରିଶି ଲକ୍ଷ ଟଙ୍କା କିପରି ଦେଇଥିଲେ ତାହା ମନେ ପଡୁନାହିଁ ।

ଯେଉଁ ବାବୁମାନଙ୍କ କଥା କୁହାଗଲା, କେବଳ ସେମାନେ ନୁହନ୍ତି, ପରଧନରେ ମଙ୍ଗଳବାର କରିଥିବା ବାବୁ ବାବୁଆଣୀ ମାନଙ୍କ ତାଲିକା ବହୁତ ଲମ୍ବା । କିଏ ଦେଢ଼ ଲକ୍ଷ ଟଙ୍କିଆ କୁକୁର ଉପହାର ନେଇଛନ୍ତି ତ କିଏ ଘର, କିଏ ବେପାର ବଢ଼ାଇବା ପାଇଁ ଟଙ୍କା ଏଭଳି ଅନେକ କିଛି । କିନ୍ତୁ ବୁଝାପଡୁନି ଏମାନଙ୍କୁ ଆମ ରାଜ୍ୟ ସରକାରଙ୍କ କ୍ରାଇମ୍ବ୍ରାଞ୍ଚ କି କମିଶନରେଟ୍ ପୋଲିସ ଧରିପାରୁନଥିଲା କେମିତି ? କରିତ୍କର୍ମା ସଚ୍ଚୋଟ ବିଭାଗ ବୋଲି ଯେଉଁ ବିଭାଗକୁ ସରକାର କହିଥିଲେ ଓ ତାଙ୍କ ସପକ୍ଷରେ ଉଚ୍ଚତମ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିଲେ ଏବଂ ସେ ବିଷୟରେ ଯୁକ୍ତିକରିବା ପାଇଁ ଗରୀବ ଲୋକଙ୍କଠାରୁ ଆଦାୟ ହୋଇଥିବା ଟିକସଧନରୁ ପାଖାପାଖି ପଚାଶ ଲକ୍ଷ ଟଙ୍କା ଖର୍ଚ୍ଚ କରି ଓକିଲ ଲଗାଇଥିଲେ । ସେହି ବିଭାଗ ଏ ସବୁ ଠକ କମ୍ପାନୀ କର୍ମକର୍ତ୍ତା ଓ ଦଲାଲ ମାନଙ୍କୁ ଧରିପାରୁନଥିଲା ନାଁ ଏମାନଙ୍କୁ ନ ଧରିବା ପାଇଁ ମୋଟା ଅଙ୍କର ହାତଗୁଞ୍ଜା ନେଇ ପରଧନରେ ମଙ୍ଗଳବାର କରୁଥିଲା । ବୁଝା ପଡୁନାହିଁ । ଦେଖାଯାଉ ଗରୀବ ଜମାକାରୀ ତାଙ୍କ ଜମାଟଙ୍କା ଏହି ସବୁ ମଙ୍ଗଳବାରିଆ ମାନଙ୍କ ଠାରୁ କେବେ ଫେରି ପାଉଛନ୍ତି ।

[ ଏହି ଲେଖାରେ ଦିଆଯାଇଥିବା ସମସ୍ତ ନାମ ଓ ବିବରଣୀ ସମ୍ପୂର୍ଣ୍ଣଭାବରେ ଲେଖକଙ୍କ ସ୍ୱୟଂକ୍ରିୟ କୃତ, ଏବଂ ଏହି ଲେଖାପରେ ଯଦି କୌଣସି ପରିସ୍ଥିତି ସୃଷ୍ଟି ହୁଏ ତେବେ ଏଥିନିମନ୍ତେ କେବଳ ଲେଖକ ହିଁ ଦାୟୀ ରହିବେ । ]

# ଆତ୍ମଚିନ୍ତନ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ବୟସ ବଢ଼ିବା ସହ ଆମ ଶାରୀରିକ ଅଭିବୃଦ୍ଧି ହୁଏ ସତ କିନ୍ତୁ ମାନସିକ ସ୍ତରରେ ଆମେ କେତେ ପରିପକ୍ୱ ତାହା ଆମର ପାରିପାର୍ଶ୍ୱିକ ପରିବେଶ ସହ ଆମର ତାଳମେଳକୁ ଦେଖି ଜାଣିହୁଏ । ଆମର ଭାବାତ୍ମକ ପରିପକ୍ୱତା ପାଇଁ ଆମକୁ ସମସ୍ତ ଘଟଣାକୁ ଗ୍ରହଣ କରିବାକୁ ପଡ଼ିବ ।

ଯେତେବେଳେ କୌଣସି ଘଟଣା ଘଟେ ଆଉ ତାହା ଆମେ ଆଶା କରିନଥାଉ, ତେବେ ସେହି ପରିସ୍ଥିତିରେ ଆମ ପାଖରେ ଦୁଇଟି ପନ୍ଥା ଥାଏ । ଯଦି ଆମେ ସେହି ଘଟଣାକୁ ଗ୍ରହଣ କରିନେଉ ତେବେ ଅବସ୍ଥା ଅଲଗା ହୁଏ ଏବଂ ଯଦି ଗ୍ରହଣ ନ କରୁ ତେବେ ଅବସ୍ଥା ଅନ୍ୟପ୍ରକାରର ହୋଇଥାଏ । ଏଥିପାଇଁ କିଛି ଉଦାହରଣ ଦେଉଛି । ଯଦି ଘଟୁଥିବା ଘଟଣାକୁ ଆମେ ଗ୍ରହଣ କରୁ ତାହେଲେ ତାହା ଆମ ପାଇଁ ଧୈର୍ଯ୍ୟ ବା ଗ୍ରହଣଯୋଗ୍ୟ ଘଟଣା ହୋଇଯାଏ, ଏବଂ ଆମେ ସହିଷ୍ଣୁ ବୋଲି କୁହାଉ । କିନ୍ତୁ ଯଦି ଆମେ ସେହି ଅବସ୍ଥାକୁ ଗ୍ରହଣ ନ କରିପାରୁ ତା'ହେଲେ କ୍ରୋଧ ଜାଗ୍ରତ ହୁଏ । ଅନେକ ଘଟଣାକୁ ଆମେ ଯଦି ସାମାନ୍ୟ ଭାବରେ ନେଇପାରିବା ତା ହେଲେ ଆମେ କ୍ରୋଧ ପରିବର୍ତ୍ତେ ସହନଶୀଳ ହୋଇପାରିବା ।

ଅଚାନକ ଭାବରେ ବା ଅପ୍ରତ୍ୟାଶିତ ଭାବରେ ଘଟୁଥିବା ଘଟଣା ଦ୍ୱାରା ଆମର ମନୋବଳ ଦୁର୍ବଳ ହୋଇଗଲେ ଆମେ ସେହି ଘଟଣା ସହ ଭୟକୁ ଯୋଡି ଦେଖୁ । ଏହା ଆମେ କେବେ ଆଶା କରିନଥିବା ଘଟଣା ହୋଇପାରେ କିମ୍ବା ଆଶା କରିଥିଲେ ସୁଦ୍ଧା ଗ୍ରହଣ କରିବାକୁ ଚାହୁଁନଥିବା ଘଟଣା ହୋଇପାରେ । କିନ୍ତୁ ଯେତେବେଳେ ଆମର ବନ୍ଧୁମାନେ ସମୁଦ୍ରରେ ପହଁରିବାକୁ ଯାଆନ୍ତି, କିମ୍ବା

ପର୍ବତାରୋହଣ କରବାକୁ ଯାଆନ୍ତ, ସେତେବେଳେ ବ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିପାରେ, ତାହା କନ୍ତୁ ଭୟ ବୋଲ ଆମେ ବବେଚନା ନ କର ତାକୁ ସାହସିକ କାର୍ଯ୍ୟ ବୋଲ କହଦେଉ । ଫରକ କେବଳ ଏତକ ଯେ ଆମେ ଗ୍ରହଣ କରବା କଥାଟା ଆମକୁ ସାହାସିକ କାର୍ଯ୍ୟ ପର ଲାଗେ କନ୍ତୁ ଅଗ୍ରାହ୍ୟ ଘଟଣା ଆମକୁ ଭୟଙ୍କର ଲାଗେ ।

ସେହପର ଯେତେବେଳେ କୌଣସି ବ୍ୟକ୍ତ ପାଖରେ କଛ ବଶେଷତ୍ୱ ଥାଏ ଯାହା ଆମେ ନଜ ପାଖରେ ନ ପାଇପାରୁ କମ୍ବା ସେମାନେ ଏମିତ କଛ କାମ କରପାରନ୍ତ ଯାହା ଆମେ କରନପାରୁ, ତେବେ ମନରେ ଇର୍ଷ୍ୟା ଜାଗ୍ରତ ହୁଏ । ଯଦ ଆମେ ସେହ ବ୍ୟକ୍ତିର ଉପଲବ୍ଧିକୁ ସାଦରେ ଗ୍ରହଣ କରଦେବା ତା ହେଲେ ହୁଏତ ସେ ଆମପାଇଁ ଜଣେ ପ୍ରେରଣାର ସ୍ରୋତ ହୋଇପାରେ ଏବଂ ଆମେ ତାଙ୍କ ଜୀବନକୁ ଲକ୍ଷ୍ୟକର ନଜ ଜୀବନରେ ବ ଅନେକ ଉପଲବ୍ଧି ଆଣିବାର ପ୍ରୟାସ କରପାରୁ, କନ୍ତୁ ଯଦ ଆମେ ତାଙ୍କର ଉପଲବ୍ଧିକୁ ଗ୍ରହଣ ନ କରପାରୁ ତା ହେଲେ ମନରେ ଅଶାନ୍ତ ସହତ ଇର୍ଷ୍ୟା ଜାତ ହୋଇଥାଏ ।

ସର୍ବୋପର ଜୀବନରେ ଆମେ ଯଦ ପ୍ରତ୍ୟେକ ଘଟଣାକୁ ଗ୍ରହଣ କରପାରବା, ତା ହେଲେ ଆମେ ଜୀବନରେ ଯୁକ୍ତାତ୍ମକ ଉର୍ଜା ବା ଶକ୍ତିର ଅନୁଭବ କରପାରବା । କନ୍ତୁ ଯଦ ସେଇ କଥା ବା ଘଟଣାକୁ ଗ୍ରହଣ କରବା ନାହିଁ, ତେବେ ଇର୍ଷ୍ୟା, ଭୟ ଓ କ୍ରୋଧ ପର ନକାରତ୍ମକ ଶକ୍ତିର ବଶରେ ରହବା ।

ଆପଣ ଚନ୍ତା କର ଦେଖନ୍ତୁ ଆପଣଙ୍କୁ କଣ ଭଲ ଲାଗେ ।

ଧନ୍ୟବାଦ ।

# କୁନ କୁନ ପିଲାଙ୍କ ପାଇଁ - ୨

ରାହୁଲ ପଣ୍ଡା



ଆରେ ପିଣ୍ଟୁ, ଇଷା, ଟ୍ୱିଙ୍କଲ୍, ଗୁଟୁନ୍, ରାହିଣୀ, ରିଧି, ଆଉ ଇଶାନ୍ ଏଠାକୁ ଆସ । ରାହୁଲ ଭାଇ ଆସିଗଲେ । ସମସ୍ତେ ଏକ ସ୍ୱରରେ କହିଲେ, 'ରାହୁଲ ଭାଇ ନମସ୍କାର' । ମୋର କୁନ କୁନ ଭାଇଭଉଣୀମାନେ ମୋତେ ନମସ୍କାର କରିବା ଆଗରୁ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନମସ୍କାର କର ଏବଂ ତା'ପରେ ମୁଁ ସମସ୍ତଙ୍କୁ ଏକ ମହାନ ବ୍ୟକ୍ତିତ୍ୱଙ୍କ ବିଷୟରେ କହିବି ।

ସମସ୍ତେ ଏକ ସାଙ୍ଗରେ ହାତ ଉପରକୁ ଟେକି ଏକ ସ୍ୱରରେ ଆଖିବୁଜି କହିଲେ, 'ଜୟ ଜଗନ୍ନାଥ' ।

ଜାଣିଛ ପିଲାମାନେ, ଆମର ଏ ଜଗତକୁ ପ୍ରଭୁ ଶ୍ରୀ ଜଗନ୍ନାଥ ହିଁ ସୃଷ୍ଟି କରିଛନ୍ତି । ଆମ୍ଭମାନଙ୍କ ସହିତ ସେ ମଧ୍ୟ କେତେକ ମହାନ ସନ୍ଥ ଓ ମହାପୁରୁଷଙ୍କୁ ଜନ୍ମ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ତମେମାନେ ତ ଜଗତପିତା ମହାତ୍ମାଗାନ୍ଧୀଙ୍କୁ ଜାଣିଛ । ଏହି ମହାନ ବ୍ୟକ୍ତିଙ୍କ ଜୀବନର ଏକ ଘଟଣା ଆଜି ମୁଁ ତୁମ ମାନଙ୍କ ସମ୍ମୁଖରେ ବ୍ୟାଖ୍ୟା କରୁଛି ।

ଦିନକର ଘଟଣା, ରାତ୍ରୀର ସମୟ । ସାବରମତୀ ଆଶ୍ରମରେ ସମସ୍ତେ ଶୟନରତ । ଏହି ସମୟରେ ଚୋରୀ କରିବା ଉଦ୍ଦେଶ୍ୟରେ ଗୋଟିଏ ଚୋର ଆଶ୍ରମରେ ପଶିଲା । କିନ୍ତୁ ଶବ୍ଦ ଶୁଣି ଆଶ୍ରମର କିଛି ଲୋକ ଚୋରଟିକୁ ଧରି ଏକ କୋଠରୀ ମଧ୍ୟରେ ରଖି ବାହାରୁ କବାଟ ଦେଇ ରଖିଦେଲେ ଓ କହିଲେ, ସକାଳେ ହେଲେ ଗାନ୍ଧିଜୀ ଉଠିବାପରେ ଏହାର ଉପଯୁକ୍ତ ଦଣ୍ଡ ବିଧାନ ହେବ । ସକାଳ ହେଲା । ଗାନ୍ଧୀଜୀଙ୍କୁ ସମସ୍ତ ଘଟଣା ବିଷୟରେ ଆଶ୍ରମବାସୀମାନେ ଜଣାଇଦେଲେ । ସବୁ ଶୁଣିବାପରେ ଗାନ୍ଧିଜୀ କହିଲେ, ଲୋକଟିକୁ ପ୍ରଥମେ କବାଟ ଖୋଲି ବାହାରକୁ ଆଣ ଏବଂ ପେଟ ଭର୍ତ୍ତି ଖାଇବାକୁ

ଦିଅ । ଗାନ୍ଧୀଜୀଙ୍କ କଥାନୁଯାୟୀ ଚୋରଟି ଖାଇସାରିବା ପରେ ବାପୁଙ୍କ ପାଦ ଦୁଇଟିକୁ ଧରି ଭେ ଭେ ହୋଇ କାନ୍ଦିବାକୁ ଲାଗିଲା । କହିଲା, ମୁଁ ଆପଣଙ୍କ ଆଶ୍ରମରେ ଚୋରୀ କରିବାକୁ ପଶିଥିଲି, ଅନ୍ୟ କିଏ ହୋଇଥିଲେ ମତେ ସାଙ୍ଗେ ସାଙ୍ଗେ ଜେଲ କୋଠରୀରେ ପକେଇ ଦେଇଥାନ୍ତେ । କିନ୍ତୁ ଆପଣ କେତେ ମହାନ । ମୁଁ ଆପଣଙ୍କ ସମ୍ମୁଖରେ ପ୍ରତିଜ୍ଞା କରୁଛି, ଜୀବନରେ ଆଉ କେବେ ଚୋରୀ କରିବି ନାହିଁ ।

ଏଥିରୁ ତୁମେ ମାନେ କଣ ଶିଖିଲ ? କେତେ ଦୟାବାନ ଓ କ୍ଷମାଶୀଳ ଥିଲେ ଆମ ଜଗତପିତା । ଖାଲି ସେତିକି ନୁହେଁ ତାଙ୍କ ପାଖରେ ଥିଲା ଧର୍ମ, କର୍ମ, ଭକ୍ତି, ସେବା, ଦୟା ଓ କ୍ଷମା ଇତ୍ୟାଦି ଅନେକ ଗୁଣ । ଯାହାଦ୍ୱାରା କି ଅହିଂସା ନୀତି ଆପଣେଇ ସେ ଭାରତକୁ ସ୍ୱାଧୀନ କରିପାରିଥିଲେ । ତୁମେମାନେ ତ ଜାଣିଛ, ସେ ଆଣ୍ଠୁ ଉପରକୁ ଲୁଗା ପିନ୍ଧୁଥିଲେ । ଏହାର କାରଣ କଣ ଜାଣିଛ ? ବାପୁଜୀ ତାଙ୍କ ଜୀବନରେ ଅନେକ ଆଦର୍ଶ ଦେଖାଇ ଯାଇଛନ୍ତି । ଜଗତରେ ଅନେକ ଧନୀ ଓ ମାନୀ ବ୍ୟକ୍ତି ଜନ୍ମ ନେଇଛନ୍ତି ଓ ଇହଧାମ ଛାଡ଼ି ଯାଇଛନ୍ତି । କିନ୍ତୁ ସେମାନଙ୍କୁ କିଏ ବା ମନେ ରଖିଛି । କୌଣସି ଆଦିବାସୀ ଅଞ୍ଚଳର ଛୋଟ ବାଳକଟିଏକୁ ଯଦି ପଚାରିବା ଆମ ଜାତିର ପିତା କିଏ, ସେ ସାଙ୍ଗେ ସାଙ୍ଗେ ଉତ୍ତର ଦେବ, ମହାତ୍ମା ଗାନ୍ଧୀ । ଏହିପରି ଭାବେ ସେ ହେଉଛନ୍ତି 'ମୁକୁଟବିହୀନ ସମ୍ରାଟ' । ତେଣୁ ପିଲାମାନେ ସର୍ବଦା ତାଙ୍କର ନୀତି ଆପଣେଇବା ଏବଂ ତାଙ୍କୁ ଜୀବନର ଆଦର୍ଶ ରୂପେ ପ୍ରତିପାଦିତ କରିବା । ତାଙ୍କର ଆତ୍ମା ସଦଗତି ପ୍ରାପ୍ତ ହେବ । ଯେଉଁ ସୁନେଲି ଭାରତବର୍ଷର ସ୍ୱପ୍ନ ସେ ଦିନେ ଦେଖିଥିଲେ ତାହା ପୂରଣ ହେବ ।

ଏବେ ମୁଁ ରହୁଛି ଭାଇ ରହୁଛି । ପୁଣି ଆଉଥରେ ଆସିବି, ଆଉ ଜଣେ ମହାନବ୍ୟକ୍ତିଙ୍କ ବିଷୟରେ କିଛି ନୂଆ ନୂଆ କଥା ନେଇ ।

ବ୍ରହ୍ମପୁର

# ଅମ୍ଳରୋଗ (Acidity)

ଶ୍ରୀମତି ସରିତା ପଣ୍ଡା



ସାଧାରଣତଃ ଆମେ ସମସ୍ତେ ନିଜର ରୁଚି ଅନୁଯାୟୀ ଆମର ନିୟମିତ ଖାଦ୍ୟପାନୀୟରେ କିଛି କିଛି ପରିବର୍ତ୍ତନ କରିଥାଉ ଏବଂ ଖାଦ୍ୟକୁ ସୁସ୍ୱାଦୁ କରିବା ଉଦ୍ଦେଶ୍ୟରେ ଯେତେ ପ୍ରକାରର ପରିବର୍ତ୍ତନ (ଯଥା - ପ୍ରସ୍ତୁତି ପ୍ରଣାଳୀ, ଆବଶ୍ୟକ ଉପକରଣ ଗୁଡ଼ିକର ମାତ୍ରା, ପରିବେଷଣ ପ୍ରଣାଳୀ ଇତ୍ୟାଦି) କରିଯାଇପାରେ । ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ପଛେଇ ନଥାଉ । ଫଳରେ ଖାଦ୍ୟ ସାମଗ୍ରୀ ତ ସୁସ୍ୱାଦୁସମ୍ପନ୍ନ ହୁଏ, କିନ୍ତୁ ତା ସଙ୍ଗେ ସଙ୍ଗେ ଆମ ଶରୀର ମଧ୍ୟରେ ଅନେକ ଗୁଡ଼ିଏ ରୋଗ ଉତ୍ପନ୍ନ ହୁଏ । ଯାହାକି ଆମେ ଅନେକ ଦିନପରେ ଉପଲବ୍ଧି କଲାବେଳକୁ ପରିସ୍ଥିତି, 'ନେଡ଼ି ଗୁଡ଼ କହୁଣୀକୁ ଗଡ଼ିଯାଇଥାଏ' । ଯାହାର ପ୍ରତିଫଳରେ ଆମକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗର ବଶବର୍ତ୍ତୀ ହେବାକୁ ପଡ଼ିଥାଏ । ଏହି ରୋଗ ଗୁଡ଼ିକ ମଧ୍ୟରୁ ଗୋଟିଏ ସାଧାରଣ ରୋଗ ହେଉଛି ଅମ୍ଳରୋଗ ବା ଏସିଡ଼ିଟି । ଯାହା ସାଧାରଣତଃ ଅଧିକାଂଶ ଲୋକଙ୍କୁ ହୁଏ ।

ଅମ୍ଳରୋଗ ହେବାର କାରଣ ଓ ଲକ୍ଷଣ : -

ଆମେ ଖାଦ୍ୟ ଖାଇବା ଦ୍ୱାରା ତାହା ପାକସ୍ଥଳୀରେ ପ୍ରାକୃତିକ ଭାବେ ନିର୍ଗତ ଗ୍ୟାସ୍ଟ୍ରିକ ଏସିଡର ସଂସ୍ପର୍ଶରେ ଆସେ ଏବଂ ତାହା ଅତି ସୂକ୍ଷ୍ମ ଉପାଦାନରେ ବିଭକ୍ତ ହୋଇ ଆମ ଶରୀରର ବିଭିନ୍ନ ସକାରାତ୍ମକ କାର୍ଯ୍ୟରେ ଲାଗେ ।

କୌଣସି କାରଣରୁ ଯଦି ଆମ ପାକସ୍ଥଳୀରେ କ୍ଷରଣ ହେଉଥିବା ଅମ୍ଳ ବା ଏସିଡ଼ର ମାତ୍ରା ଆବଶ୍ୟକଠାରୁ ଅଧିକ ହୋଇଯାଏ ତେବେ ଆମେ ତାକୁ ହାଇପର ଏସିଡ଼ିଟି ବା ସାଧାରଣତଃ ଏସିଡ଼ିଟି ବୋଲି ମଧ୍ୟ କହିଥାଉ ।

ଏହା ଫଳରେ ପେଟରେ ଜଳାପୋଡ଼ା ହେବା ସହ, ଛାତିରେ ଯନ୍ତ୍ରଣା, ବାନ୍ତି ଆସିବା, ମୁଣ୍ଡ

ବୁଲେଇବା, ଇତ୍ୟାଦ ଲକ୍ଷଣମାନ ଦେଖାଯାଏ ।

ସାଧାରଣତଃ ଆଜକାଲର ପ୍ରଦୁଷିତ ଜଳବାୟୁ, କୀଟନାଶକ ଯୁକ୍ତ ପନପରବା, ତେଲଛଣାଖାଦ୍ୟ, ଅତ୍ୟାଧିକ ରାଗ ଓ ଲୁଣ ପ୍ରୟୋଗ ଇତ୍ୟାଦ ଦ୍ୱାରା ଏହ ରୋଗ ହେବାର ସମ୍ଭାବନା ବଢ଼ିଯାଏ । ଏହାର ତୁରନ୍ତ ଉପଚାର ନ କଲେ ଏହା କ୍ରମଶଃ ବଢ଼ି ବଢ଼ି ଅଧିକ ଭୟଙ୍କର ହୋଇପାରେ ।

## ଏସିଡ଼ିଟିରୁ ଦୂରେଇ ରହବାକୁ ହେଲେ କଣ କରବା ନାହିଁ ;

୧. ଆବଶ୍ୟକଠାରୁ ଅଧିକ ଖାଆନ୍ତୁ ନାହିଁ ।

୨. କମ ସମୟ ବ୍ୟବଧାନରେ ବାରମ୍ବାର ପେଟ ଭର୍ତ୍ତି କର ଖାଆନ୍ତୁ ନାହିଁ ।

୩. ଆବଶ୍ୟକଠାରୁ କମ ଖାଇବା ନାହିଁ ।

୪. ଖାଲି ପେଟରେ ଅଧିକ ସମୟ ରହବା ନାହିଁ ।

୫. ଅତ୍ୟଧିକ ତେଲ, ଲୁଣ ଓ ମସଲା ଦଆ ଖାଦ୍ୟ ଖାଇବା ନାହିଁ ।

୬. ଖାଲି ପେଟରେ ଚାହା କମ୍ବା କଫି ପିଇବେ ନାହିଁ ।

୭. ଅତ୍ୟଧିକ ଗରମ ଥିବା ଖାଦ୍ୟ ଖାଇବା ନାହିଁ ।

୮. ଚା'କୁ ଅତ୍ୟଧିକ ଫୁଟାଇ କମ୍ବା ବାରମ୍ବାର ପିଇବେ ନାହିଁ ।

୯. ଅତ୍ୟଧିକ ଧୂମପାନ କରବେ ନାହିଁ । (ଧୂମପାନ ସର୍ବଦା ବର୍ଜନୀୟ)

୧୦. କୌଣସି କଥାରେ ଅତ୍ୟଧିକ ଚନ୍ତା କରବେ ନାହିଁ ।

## ଏସିଡ଼ିଟି ନହେବା ପାଇଁ କଣ କରବା ଉଚତ ?

୧. ପ୍ରତ୍ୟେକ ଦନ ଅନ୍ୟୁନ ୩-୪ ଲଟର ପାଣି ପିଇବା ।

୨. ଯଥା ସମ୍ଭବ ସାତ୍ତ୍ୱିକ ଆହାର ଗ୍ରହଣ କରବା ।

୩. ଖାଦ୍ୟରେ ସବୁଜ ପନପରବା ଓ ସାଲାଡ଼କୁ ପ୍ରାଧାନ୍ୟ ଦେବା ।

୪. ତନ୍ତୁଜାତୀୟ ପରବା ଯଥା, ଗାଜର, ଅମୃତଭଣ୍ଡା, ଲାଉ, କଞ୍ଚାକଦଳୀ ଇତ୍ୟାଦ ଯଥେଷ୍ଟ ପରମାଣରେ ଖାଇବା ।

୫. ପ୍ରତ୍ୟହ କିଛି ଫଳଆହାର କରିବା ଯଥା ସେଓ, ନାସପାତି, କମଳା, ପିଜୁଳି ଇତ୍ୟାଦି ।

୬. ନିୟମିତ ଶାଗ ଜାତୀୟ ପନିପରିବା ଖାଇବା ।

୭. ନିୟମିତ ପ୍ରତ୍ୟୁଷରୁ ପ୍ରାଣାୟାମ ଓ ଯୋଗାଭ୍ୟାସ କରିବା ।

୮. ନିର୍ଦ୍ଦିଷ୍ଟ ସମୟାନୁସାରେ ଆବଶ୍ୟକ ପରିମାଣର ଖାଦ୍ୟ ଖାଇବା ।

୯. ରୋଷେଇ ପୂର୍ବରୁ କଟା ପନିପରିବାକୁ ସାମାନ୍ୟ ଲୁଣ ମିଶିତ ପାଣିରେ ଭଲ ଭାବରେ ଧୋଇବା ।

୧୦. ସବୁ ସମୟରେ ଯଥା ସମ୍ଭବ ସକାରାତ୍ମକ ଚିନ୍ତାଧାରା ରଖିବା ।

## ଏସିଡ଼ିଟି ହେଲେ କଣ କରିବା ?

୧. ପ୍ରତ୍ୟହ ସକାଳେ ଖାଲି ପେଟରେ ଏକ ଗ୍ଲାସ ପାଣିରେ ଏକ ଚାମଚର ଏକ ଚତୁର୍ଥାଂଶ ଗୋଟା ଜୀରା ସହିତ ଖୁବ୍ କମ ପରିମାଣର ଲୁଣ ମିଶେଇ ତାକୁ ଚୋବେଇ ଚୋବେଇ ଖାଇଲେ ଏସିଡ଼ିଟି ହୁଏନାହିଁ ।

୨. ଖାଲି ପେଟରେ ଅଧାକପ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ପିଇଲେ ମଧ୍ୟ ସୁଫଳ ମିଳେ ।

୩. ଦିନରେ ଅନ୍ତତଃ ୭-୮ ଥର ଅଧା କପ ଲେଖାଏଁ ଥଣ୍ଡା କ୍ଷୀର ପିଇଲେ ଫଳପ୍ରଦ ହୁଏ ।

୪. ସକାଳୁ ଖାଲିପେଟରେ ୪-୫ଟି କଅଁଳିଆ ବେଲପତ୍ର କିମ୍ବା ନିମପତ୍ର ଖାଇଲେ ଏସିଡ଼ିଟି ହୁଏ ନାହିଁ ।

୫. ଅତ୍ୟଧିକ ଏସିଡ଼ିଟି ହୋଇଥିଲେ ସକାଳୁ ୪ ଗ୍ଲାସ ପାଣି ପିଇ ତୁରନ୍ତ ତଣ୍ଟିରେ ଆଙ୍ଗୁଠି ଗଳାଇ ବାନ୍ତି କରିବାକୁ ଚେଷ୍ଟା କଲେ ପାଣି ସହିତ ଗ୍ୟାଷ୍ଟ୍ରିକ୍ ଏସିଡ଼ ମଧ୍ୟ ପେଟ ଭିତରୁ ବାହାରି ଆସେ ଏବଂ ଏସିଡ଼ିଟିରୁ ତୁରନ୍ତ ଉପସମ ମିଳିଥାଏ ।

୬. ଅତ୍ୟଧିକ ଏସିଡ଼ିଟି କାରଣରୁ ମୁଣ୍ଡ ବୁଲାଇ ହୋଇ କେତେକାଂଶରେ ଅଚେତ ହୋଇଯିବା ମଧ୍ୟ ଦେଖାଯାଏ । ଏହି ଅଚେତ ହେବା ସମୟରେ ରୋଗୀର ଜିଭ ଅଗରେ ସ୍ୱଳ୍ପ କିଛି ସୈନ୍ଧବ ଲୂଣ ବା ସାଧାରଣ ଖାଇବା ଲୁଣ ଦେଇଦେଲେ ଚେତା ଫେରି ଆସେ ।

୭. ପ୍ରତ୍ୟହ ରାତିରେ ଶୋଇବାକୁ ଯିବାର ଏକ ଘଣ୍ଟା ପୂର୍ବରୁ ଏକ ଚାମଚ ତ୍ରିଫଳା ଗୁଣ୍ଡ ଏକ ଗ୍ଲାସ ଉଷୁମ ପାଣିରେ ଭଲ ଭାବରେ ଗୋଳାଇ ପିଇଲେ ଏସିଡ଼ିଟିରୁ ଉପସମ ମିଳିଥାଏ ।

ବ୍ରହ୍ମପୁର

# ଏ କଥା ମୁଁ ଜାଣିନ

ରବୀନ୍ଦ୍ର ପାଣିଗ୍ରାହୀ

ଦନେ ଆଖିରେ ଆସିଲ ହୃଦୟେ ରହିଲ
ଏ କଥା ମୁଁ ଜାଣିନ
ସପନେ ଆସିଲ ନଦ ଚୋରୀକଲ
ଏ କଥା ମୁଁ ଜାଣିନ ।
ନଦ ହଜେଇଲ ମନ ଚୋରୀକଲ
ଏ କଥା ମୁଁ ଜାଣିନ ।
ପ୍ରେମର ବର୍ଷାରେ ମତେ ଭଜେଇଲ
ଏ କଥା ମୁଁ ଜାଣିନ ।
କେବେ ରଙ୍ଗତୁଳୀ ଧର ଆଙ୍କିଲ ତୁମ ଛବ
ଏ କଥା ମୁଁ ଜାଣିନ ।
ଅବାଟରୁ କେବେ ବାଟକୁ ଆଣିଲ
ଏ କଥା ମୁଁ ଜାଣିନ ।
ମୋ ମନ ଗହନରେ ଫୁଟେଇଲ ଫୁଲ
ଏ କଥା ମୁଁ ଜାଣିନ ।
କ ଭୁଲ କଲ ମୁଁ ତୁମ ପାଖରେ
ଏ କଥା ମୁଁ ଜାଣିନ ।
କେବେ ଚାଲଗଲ ମୋ ଠାରୁ ଦୂରେଇ
ଏ କଥା ମୁଁ ଜାଣିନ ।
କେବେ କହଗଲ ମୋତେ ଭୁଲଯାଅ
ଏ କଥା ମୁଁ ଜାଣିନ ।
ହେଲେ ଆଜ ବ ତୁମେ ମୋ ହୃଦୟରେ ଅଛ
ଏ କଥା ମୁଁ ଜାଣିଛ ।

ଭଞ୍ଜନଗର

# ମଧ୍ୟାହ୍ନ ଭୋଜନ ଭେଳକି

ଡା ସୌମ୍ୟରଞ୍ଜନ ମିଶ୍ର



ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି
ମୁଖ୍ୟମନ୍ତ୍ରୀ ଶୁଣାଇଲେ ବାଣୀ
ଯେତିକି ହୋଇଗଲା ଢେର୍
ଖରାବେଳ ଖିଆ ଅନିୟମିତତା ଆଉ ବରଦାସ୍ତ କରାଯିବ ନାହିଁ
ନହେଲେ ବିପକ୍ଷଙ୍କୁ ମିଳିଯିବ
ନିର୍ବାଚନ ଇସ୍ତାହାର ପାଇଁ ରୋଚକ କାହାଣୀ

ମୁଖ୍ୟମନ୍ତ୍ରୀଙ୍କ ତୁଣ୍ଡରୁ କଥା ସରୁ ସରୁ
ବିଭାଗୀୟ ସର୍କୁଲାର ହୋଇଗଲା ଜାରୀ
ପାଚିକା, ସହାୟିକା ସହ ବିଦ୍ୟାଳୟ କମିଟି ସଦସ୍ୟ
ପ୍ରଥମେ ଚାଖିବେ ମଧ୍ୟାହ୍ନ ଭୋଜନ
ତତ୍‌ପରେ ପିଲାଙ୍କୁ ତାହା ହୋଇବ ବଣ୍ଟନ
ନିମ୍ନମାନର ଖାଦ୍ୟଖାଇ କେଜାଣି କେତେବେଳେ
ପିଲାମାନେ ପୁଣି ଯଦି ଯିବେ ମରିମାରି

ସର୍କୁଲାର ଦେଖି ପାଚିକା, ସହାୟିକା ସଂଘରେ
ଅସନ୍ତୋଷ ବାନ୍ଧିଗଲା ଦାନା
ବିଦ୍ୟାଳୟ କମିଟିର ବି ମିଟିଂ ହେଲା ଡନାଘନା
କଥା ହେଲା ହୋଇବ ବିକ୍ଷୋଭ
ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ
ବିଦ୍ୟାଳୟେ ହେବ ନାହିଁ ଖାନା

ବିକ୍ଷୋଭ ହେବ ବୋଲି ଶୁଣି
ବିଭାଗରେ ପଡ଼ିଲା ଭାଲେଣି
ପ୍ରତିକାର ପାଇଁ ମନ୍ତ୍ରୀ ଗଢ଼ିଲେ କମିଟି
ନିର୍ବାଚନ ସମୟରେ ଜନସମର୍ଥନ ବଡ଼ କଥା
କେଜାଣି କୁଆଡ଼େ ବହିବ ଉଜାଣି ।

କମିଟିର ଅଧ୍ୟକ୍ଷ ଭାର ପାରବାର
ମନ୍ତ୍ରୀଙ୍କର ଏକଦମ୍ ଖାସ ଲୋକ
ସଂଘ ମୁଣ୍ଡିଆମାନଙ୍କୁ ନେଇ
କଲେ ରୁଦ୍ଧଦ୍ୱାର ବଇଠକ
କେହିଜଣେ ଉଠାଇଲେ ପ୍ରଶ୍ନ
ନିମ୍ନମାନର ଯୋଗାଣରୁ ସିନା ନିମ୍ନମାନର ରନ୍ଧା
ସେଥିପାଇଁ ଆମେ ମାନେ ଦୋଷୀ ହୋଇ
କାହିଁ ହେବୁ ବନ୍ଧା ?
ରନ୍ଧା ଖାଦ୍ୟ ଆମେ ଆଗ ଚାଖିକରି
ଯଦି ଚାଲିଯାଏ ଏ ଜୀବନ
ଆମ ପିଲାଛୁଆଙ୍କୁ କିଏ ଆପଣ ହେବେ ସାହା
ଦେଖାଇବେ ପନ୍ଥା ?

ସବୁଶୁଣି କମିଟି ଅଧ୍ୟକ୍ଷ ମୁରୁକି ହସିଲେ
ଆଉ ଦମ୍ଭରେ ଭାଷିଲେ
ମନ୍ତ୍ରୀଙ୍କ ଆଦେଶ
ଯାହାଥିଲା ସେମିତି ଚାଲିବ
ଆପଣମାନେ ଚାଖିବାପାଇଁ ତିନିଟା ମିଲର ଯୋଗାଣ ଯାହା ଅଧିକ ମିଳିବ
ସେଥିରୁ ଦୁଇଟା ମିଲର ପଇସା
ନିର୍ବାଚନ ଖର୍ଚ୍ଚପାଇଁ ଆମେ ଆଗରୁ ରଖିନେବୁ କାଟି

ବାଙ୍କ ଗୋଟାକୁ ଆପଣ ନେବେ ବାଣ୍ଟିକୁଣ୍ଟି

ଧର ଯଦ ହେଲ୍ କଛ୍ଠ ଅଘଟଣ
ମନ୍ତ୍ରୀ ବସାଇବେ ତଦନ୍ତ କମିଶନ
ତଦନ୍ତର ଫଳ ହେବାକୁ ପାକଳ
ଲ୍ଗିଯିବ ବର୍ଷ ବର୍ଷ କାଳ
ଶେଷରେ ଆସିବ ରପୋର୍ଟ
ବଷର ମାତ୍ରା ନଥିଲ୍ ଉତ୍କଟ
ତେଣୁ ବୟସ୍କ ପାରଲେ ସମ୍ଭାଳ
ପିଲ୍ଙ୍କ ଦେହରେ ତାହା ନପାରଲ୍ ଚଳ
ସବୁ ସେଇ ବୟସର ଦୋଷ
ତଳରୁ ଉପର ଯାଏଁ ସମସ୍ତେ ନର୍ଦୋଷ ।

ମଧଖଣ୍ଡୀ,
ଶ୍ରୀ ବଳଦେବଜଉ,
କେନ୍ଦ୍ରାପଡ଼ା

# ମୁଁ ବଞ୍ଚିବାକୁ ଚାହେଁ

ପଦ୍ମିନୀ ପ୍ରିୟଦର୍ଶିନୀ ମିଶ୍ର



ରାତିପରେ ଦିନ ଆଉ ସବୁ
ଦିନପରେ ରାତି
ଯାଉଥିଲା ଯାଉଛି ଯିବ
ସବୁ ସେମିତି ବିତି
ସେତିକି ଲୁହ କୋହରେ ମୋ
ଭରି ଯାଉଛି ଛାତି
ମୋ ଦୁଃଖ ଯନ୍ତ୍ରଣାର ଜମା
ଦେଉନାହିଁ ଇତି
ଲାଗୁଛି ମୋତେ ସବୁ କଷ୍ଟ
ମୋର ଆଜୀବନ ସାଥୀ
ଦୁଃଖ ଲୁହ ଭରା ଶରୀର ହିଁ
ମୋ ଜୀବନ ରାସ୍ତା ରଥର ସାରଥୀ ।୧ ।
ଭାବିଥିଲି ଗଢ଼ିବି ନିଜକୁ ନିଜେ
ସୁମଣିଷଟିଏ ପରି
ବୁଲିବି ମୁକ୍ତ ଆକାଶରେ
ଖୁସିରେ ଡେଣା ଝାଡ଼ି କରି
ନିଜ ଚାରିପାଖ ଲୋକଙ୍କୁ
ହସ ଦେବି ଜୀବନ ଭରି
ଜଣାଇ ଦେବି ଦୁନିଆକୁ
ଝିଅ ପରି କେହି ନୁହନ୍ତି ସରି
ସୁନେଲି ସ୍ୱପ୍ନର ଫୁଲକୁ ଧରିବି

ଏହାରେ ତୋଳ କର
ପ୍ରତ୍ୟେକ ନାରୀକୁ କହିବ
ନିଜକୁ ଗଢ଼ିଦିଅ ଝାନସୀରାଣୀ ପରି ।୨ ।
ହେଲେ ମୋର କଟିଗଲା ଦୁଇ
କଅଁଳ ଡେଣା ଝଡ଼ିଗଲା ସବୁ ପର
ନିଜ ପାଖୁ ସବୁ ନିଜ ଆପଣାର
ହୋଇଗଲେ କେତେ ଦୂର
ଚନ୍ଦ୍ରସୂର୍ଯ୍ୟ ଥାଇବି ହଠାତ
ଘୋଟି ଆସିଲା ଅମାଅନ୍ଧକାର
ଆଖିର ସୁନେଲି ସ୍ୱପ୍ନ ସବୁ
ଭଙ୍ଗି ହେଲା ଚୁରମାର
ଜନଗହଳି ସମାଜରେ ମୋ
ଇଲାକା ହୋଇଗଲା ଜନଶୂନ୍ୟ ସହର
ନିଜେ ବି ନିଜର ଛାଇକୁ
ଦେଖିଲେ ଲାଗିଲା ଅଜଣା ଡର ।୩ ।
ନିଜକୁ ଗଢ଼ିବି ବୋଲି ଭାବିଲି
ଯେଉଁ ରୂପେଲି ସହରେ
ବିଧିର ବିଧାନ ନେଇ ଛାଡ଼ିଲା
କେଉଁ ଘଞ୍ଚ ଅରଣ୍ୟରେ
ଶୀତଳତା ଭିତରେ ଥାଇ ବି
ଜଳିଲି ଅଗ୍ନିର ପ୍ରକୋପରେ
ଝିଅ ହେଲି ବୋଲି ହସଖୁସି
ମଉଳିଗଲା ନିଜ ମନ ଭିତରେ
କେତେ ମଣିଷରୂପି ପଶୁ ମୋ
ରକ୍ତ ଶୋଷିଲେ ବିନା ଦ୍ୱିଧାରେ
ଆଖିର ଖୁସିଭରା ସ୍ୱପ୍ନ ମୋତେ
ପକେଇଲା ନେଇ ମୃତ୍ୟୁ ଶଯ୍ୟାରେ ।୪ ।
ଶୁଣିଲାନି ଏ ଉଲଗ୍ନ ସମାଜ ମୋ
ଆତ୍ମାର ବିକଳ ଚିତ୍କାର
କଳଙ୍କିତାର ଆଖ୍ୟା ଦେଇ
ନିଲାମ କଲା ମାନ ଇଜ୍ଜତର
ଲୁହ ସବୁ ଲହୁ ପାଲଟି ଅଙ୍ଗରାଗ
ନିର୍ଜୀବ ହେଲା ଶରୀରର
ନିସ୍ତବ୍ଧ ନିଶ୍ଚଳ ହୋଇଗଲା ମୋ
ପାଇଁ ସୂର୍ଯ୍ୟାଲୋକର ପ୍ରହର
ପୃଥିବୀମାତା କୋଳର ଅମୃତରାଶି
ପାଲଟିଗଲା ମୋପାଇଁ ଜହର
ଆତଙ୍କ ଭିତରେ ଜୀବନ କଟୁଛି
ଥାଇ ବାପାମା'ଙ୍କ ଆଶ୍ରୟ କୋଳର ।୫ ।
ନିଜ ଅସ୍ତିତ୍ୱର ନ୍ୟାୟ ପାଇଁ
ଲଢ଼େଇକରି ହେଲି ନିରାଶ
ସୃଷ୍ଟିକର୍ତ୍ତାଙ୍କର ସ୍ନେହ ଶ୍ରଦ୍ଧା ମମତା
ଉପରୁ ତୁଟିଗଲା ବିଶ୍ୱାସ
ଏ କଳୁଷିତ ପୃଥିବୀ ମା'ର ସନ୍ତାନ
ବୋଲି ମନେ ରହିଲା ଅବଶୋଷ
'କନ୍ୟା ଭ୍ରୂଣ' ଜାଣି ସମାଜ ଯେବେ
ମା'ର ମାତୃତ୍ୱରେ ଦେଉଛି ବିଷ
ଆସିବ ଗୋଟେ କାଳର ସମୟ
ନାରୀର ସୃଷ୍ଟି ହେବରେ ଶେଷ
କାଳର କରାଳ ରୀତିରେ ପୋତିହେବ
ଶରୀର... ଲୀନ ହେବ 'କନ୍ୟା ମଣିଷ' ।୬ ।
ଏମିତି ଭାବି ଗାଉଛି ମୁଁ

ଦୁଃଖ ଯନ୍ତ୍ରଣାକୁ କରି ଚିର ସାରଥି
ଅତୀତର ନାରୀ ଦେବୀ ବୋଲି
କହେ ପୁରାଣର ଗୀତ ଓ କୀର୍ତ୍ତି
ଆସିଲା ଇତିହାସର ଯୁଗ
ବଦଳିଗଲା ନାରୀ ସ୍ଥିତିର ଗତି
ପାଶ୍ଚାତ୍ୟ ସଭ୍ୟତାକୁ ଆଦରକରି
ଅବରୋଧ କଲା ଦେଶର ପ୍ରଗତି
ସ୍ୱାଧୀନତା ନାଁ ରେ ପରୋକ୍ଷ ଭାବେ
ଆପଣେଇ ନେଉଛି କୁସଂସ୍କୃତି
ନାରୀ ନିଜେ ହୋଇ ନାରୀର ଶତ୍ରୁ
ଶୋଚନୀୟ କରୁଛି ନାରୀର ସ୍ଥିତି ।୭ ।
ଆଜିର ଯୁଗରେ ମାତୃଗର୍ଭରୁ ନାହିଁ
ଯଦି କନ୍ୟାଭ୍ରୁଣର ସ୍ଥିତି ଓ ମୁକ୍ତି
ଯୌବନାବସ୍ଥାରେ ସାଜିଯାଉଛି କେଉଁ
ଅଜଣା ସହରରେ ହୋଇ ଅତିଥି
ଭଲପାଇବାର ଡୋରରେ ବାନ୍ଧି ରଖୁଛି
ତା ପଣିତକାନିର ସ୍ନେହ ପ୍ରୀତି
ଯୌତୁକ ଲୋଭରେ ସମାଜ ଭୟରେ
ପାଲଟି ଯାଉଛି ଅକୁହା ଚଳନ୍ତି ମୂର୍ତ୍ତି
'ନାରୀ ଶିକ୍ଷା', 'ନାରୀ ସୁରକ୍ଷା' ନାଁରେ
ସରକାର କରୁଛନ୍ତି କେତେ ଅନ୍ୟାୟ ଅନୀତି
।୮ ।
'ନାରୀ ସୁରକ୍ଷା'ର ପ୍ରଗ୍ରେର ଖାଲି
ଖାତାର ପୃଷ୍ଠା କଳମ କାଳିରେ
ଯୌତୁକ ଜୁଇରେ ଜଳିଲି ବୋଲି
ଭିକ୍ଷାଲାଗି ଗଲି ନ୍ୟାୟର ଦ୍ୱାରେ
ପାଇଲି ଲାଞ୍ଛନା ଜୀବନଭରି
ନିର୍ଯ୍ୟାତନା ଦେବା ଲୋକ ଖସିଲା ଧିରେ
ନିଜ ଅନ୍ୟାୟ ଲୁଚେଇବା ପାଇଁ
କିଣିଲା ସରକାର ଧନଲୋଭ ବଳରେ
ମୁଁ ମୋ ପରି କେତେ ନାରୀ ହଜିଲେ
ବିଷାଦର ଛାୟା ବାଦଲ ଭିତରେ
କେତେ ବାପାମା'ଙ୍କର ହେଲା ଶୂନ୍ୟକୋଳ
ଆଖିଭିଜି ଅନ୍ଧ ହେଲା ଲୁହ ଓ ଲହୁରେ ।୯ ।
କଲି ନାହିଁ ଯଦି ନାରୀର ରକ୍ଷା
ଆତଙ୍କିତ କରନାହିଁ ପ୍ରତିମୁହୂର୍ତ୍ତରେ
ଯଦି ପାରୁନ ଦେଇ ତା ଓଠେ ହସ
କାନ୍ଦିବାକୁ ଛାଡ଼ନି ଅନ୍ଧାର ଭିତରେ
ନାହିଁ ଯଦି ତା ଲାଗି ସୁରକ୍ଷା ବଳୟ
ଦାଗ ଲଗାଅ ନାହିଁ ତା ସମ୍ମାନରେ
ମାନସମ୍ମାନ ଯଦି ପାରୁନ ଦେଇ
ଦିଅନାହିଁ ବଳି ତାକୁ ନିଜ ତୃଷ୍ଣାରେ
କୋମଳ ଫୁଲ ବୋଲି ଯଦି ଭାବୁନାହଁ
ଭକ୍ଷକ ଭଅଁର ସାଜିନି କ୍ଷୁଧାରେ
ଆଜିବି ଚିତ୍କାର କରି କହିବି
ସମାଜକୁ 'ମୋତେ ବଞ୍ଚିବାକୁ' ଦିଅରେ ।୧୦ ।

ବ୍ରହ୍ମପୁର

# ଇନ୍ଦିରା ଗାନ୍ଧୀ

ଜ୍ୟୋତିର୍ମୟୀ ଶତପଥି



ନେହେରୁ ପରିବାରର ଉତର ଦାୟିକା

ପ୍ରିୟଦର୍ଶିନୀ ଇନ୍ଦିରା ନାମେ ମୁଁ ଗଣିତା ।

ନଭେମ୍ବର ମାସର ଯେ ଉଣେଇଶି ତାରିଖ

ଉଣେଇଶି ଶହ ସତର ମସିହା ଶୁଭ ମୁହୂର୍ତ୍ତ ।

ସେହିଦିନ ଜନ୍ମିଥିଲି ଏକୋଇରି ବାଳା

ପିତା ଜବାହାର ମୋର ମାତା ଯେ କମଳା ।

ଜେଜେ ମୋତିଲାଲ ଜେଜି ମୋ ସ୍ୱରୂପାରାଣୀ

ଝିଅ ଜନମିଛି ବୋଲି ଖୁସି ହୁଅନ୍ତି ସେ ଜାଣି ।

ବକଲ ନାମରେ ମୋର ଗୃହ ଶିକ୍ଷୟିତ୍ରୀ

ସ୍ନେହ ଶ୍ରଦ୍ଧା କରି ମୋର ଦାୟିତ୍ୱ ନିଅନ୍ତି ।

ଯେତେବେଳେ ବାରବର୍ଷର ମୁଁ ହୋଇଥିଲି

କଂଗ୍ରେସରେ ଯୋଗଦେବାପାଇଁ ଇଚ୍ଛା କଲି ।

ଅଠର ବର୍ଷ ପୂର୍ବରୁ ସ୍ୱୀକୃତି ଦେଲେନି ବୋଲି

'ଜାତୀୟ ଶିଶୁ କଂଗ୍ରେସ' ଗଠନ ମୁଁ କଲି ।

ପରବର୍ତ୍ତୀ ସମୟରେ ସେ ଶିଶୁ କଂଗ୍ରେସ

ବାନର ସେନା ନାମରେ ହେଲ୍ ପରଚତ ।

ବଦ୍ୟାଳୟ ନାମ ଅଟେ ଶାନ୍ତ ନକେତନ

ଶାନ୍ତ ପାଇଥାଏ ସେଠିକର ଅଧ୍ୟୟନ ।

ମାଆଙ୍କ ସାଥିରେ ମୁହିଁ ସ୍ୱିଜରଲଣ୍ଡ ଗଲ

'ଲଗ୍ ଅଫ୍ ନେସନ୍ସ' ସ୍କୁଲରେ ପଢ଼ିଲ ।

ଉଣେଇଶ ଅଣଚ୍ଚଳଶି କଂଗ୍ରେସେ ଯୋଗଦାନ

ଉଣେଇଶ ଏକଚ୍ଚଳଶିରେ ବବାହ ବନ୍ଧନ ।

ଫିରୋଜ ଗାନ୍ଧୀଙ୍କ ସହ ବବାହ କରଲ

ରାଜୀବ, ସଂଜୟଙ୍କ ଜନନୀ ମୁଁ ହେଲ ।

ଅତଶୀଘ୍ର ସ୍ୱାମୀଙ୍କୁ ମୁଁ ମୋର ହରେଇଲ

ଦୃଢ଼ ମନୋବଳ ନେଇ ଦେଶ ସେବା କଲ ।

ବାପାଙ୍କ ରାଜୁତ ବେଳେ ହେଲ ସଭପତ

ଲୋକସଂପର୍କ ବଭାଗରେ ହେଲ କେନ୍ଦ୍ରମନ୍ତ୍ରୀ ।

ଶାସ୍ତ୍ରୀଙ୍କ ବୟୋଗାନ୍ତେ ହେଲ ପ୍ରଧାନ ମନ୍ତ୍ରୀ

ଏଥିରେ ସମସ୍ତଙ୍କର ଥିଲ୍ ସହମତ ।

ମହଳା ପ୍ରଧାନମନ୍ତ୍ରୀ ନାମରେ ପ୍ରଥମ

ଦେଶର ସମୃଦ୍ଧିପାଇଁ କରଥିଲ ପଣ ।

ଗୋଷ୍ଠୀ ନରପେକ୍ଷ ଆନ୍ଦୋଳନ ସଭନେତ୍ରୀ

ତିନିଥର ହୋଇଥିଲି ମୁଁ ପ୍ରଧାନମନ୍ତ୍ରୀ ।

ନାରୀ ସମାଜର ମୁହିଁ ଅଟଇ ନାୟିକା

'ଭାରତରତ୍ନ' ଉପାଧିରେ ମୁଁ ଭୂଷିତା ।

ପ୍ରାଣଥିବା ଯାଏଁ ମୁଁ ସେବାରେ ବ୍ରତୀ ଥିଲି

ପଞ୍ଜାବେ ଉଗ୍ରପନ୍ଥୀଙ୍କ ଶିକାର ହୋଇଲି ।

'ଉଣେଇଶ ଚୌରାଶି'ର ଅକ୍ଟୋବର ମାସ

ସେହିଦିନ ଥିଲା ଏକତିରିଶି ତାରିଖ ।

ମୋହପାଇଁ ଘରଢ଼ିଙ୍କି କୁମ୍ଭୀର ହୋଇଲା

ନିଜ ଦେହରକ୍ଷୀ ଦ୍ୱାରା ପ୍ରାଣ ଚାଲିଗଲା ।

ଜନମ ଦିବସ ଉଣେଇଶ ତାରିଖକୁ

'ଏକତା ଦିବସ' ଭାବେ ତାକୁ ପାଳିବାକୁ ।

ଅକ୍ଟୋବର ଏକତିରିଶ ଯେ ଶ୍ରାଦ୍ଧଦିନ

'ସଂହତି ଦିବସ' ରୂପେ ହେଉଛି ପାଳନ ।

ଏତିକି ଲେଖି ଏଠାରୁ ବିଦାୟ ନେଉଛି

ପାଠକ ବନ୍ଧୁମାନେ ମୋର ନ ଧରିବ ତ୍ରୁଟି ।

ବାଲିଗୁଡ଼ା, କନ୍ଧମାଳ

# ପ୍ରିୟା

ଅନୁପମ ବେହେରା



ଆପଣ ଏମିତ ଭବପାରନ୍ତ ଯେ ସେଦନଟା ଥିଲା ମୋର । ତା ସାଥେ ମୋର ଦେଖାହେବାଟା ଥିଲା ସଂପୂର୍ଣ୍ଣରୂପେ ବଧିନର୍ଦ୍ଦେଶଗତ । ସେଦନ ପରୀକ୍ଷାଦେଲାପରେ ମୁଁ ଅଟୋରେ ନ ଆସି ଗ୍ଲଲ ଗ୍ଲଲ ଆସିଲ ସି.ଆର୍.ପି ଛକ ଯାଏ । ସେଇଠୁ ଅଟୋରେ ଆସିଲ ଆଗ୍ଯର୍ଯ୍ୟ ବହାରକୁ । ତେବେ ସେ ମୋତେ ଏତେ ଦୂରରୁ ଦେଖି ହାତ ହଲେଇ ଡାକବା ଓ ମୁଁ ତାକୁ ଏତେ ଗହଳ ଭତରେ ଦେଖିପାରବାଟା ନଶ୍ଚୟରୂପେ ଥିଲା ଅଲୌକକ । ମୁଁ ଅଟୋରୁ ଓହ୍ଲେଇ ସିଧା ଆସିଲ ଆଖିରେ ଚଷମା, ନୀଳ ରଙ୍ଗର ଚୁଡିଦାର ପିନ୍ଧିଥିବା ସେଇ ଝିଅଟା ପାଖକୁ ଯିଏ ଥିଲା ମୋ ମନର ମାନସୀ କଲେଜ ସମୟରେ, ଆଉ ଆଜ ବ ଅଛ ।

ଘରକୁ ଯିବ ବୋଲ ଠିଆ ହେଇଥିଲା ସେ ବସ୍‌କୁ ଅପେକ୍ଷା କର । ଖରାରେ ଠିଆ ହେଇ ତା ଗୋରା ମୁଁହଟା ଲାଲ୍ ପଡିଯାଇଥିଲା । ମୁଁ ଗ୍ଲଲ ଗ୍ଲଲ ଆସି ପହଞ୍ଚିଲ ତା ପାଖରେ ।

ସେ ମୋତେ ଦେଖି ତା ଚରାଚରତ ଢଙ୍ଗରେ "ହାଏ" କହଲା ଠିକ୍ ଯେମିତ କଲେଜ୍ ସମୟରେ କହୁଥିଲା । ମୁଁ କନ୍ତ ହାତ ବଢେଇଥିଲ ତା ଆଡକୁ କର ମର୍ଦନ ଉଦ୍ଦେଶ୍ୟରେ । ଇତ ମଧ୍ୟରେ ବସ୍‌ଟିଏ ଆସିଲା । ମୋ ହାତ ପାପୁଲ ବଚରା ତା ସ୍ୱର୍ଶ ଟିକେ ପାଇବାରୁ ବଞ୍ଚିତ ହେଲା ସେଇ ବସ୍‌ଟି ପାଇଁ । ପ୍ରିୟା ବସ୍‌ରେ ଚଢିବାକୁ ଉଦ୍ୟତ ହେଲା କନ୍ତ ଭତରେ ଏତେ ଗହଳ ଦେଖି ପୁଣି ପଛକୁ ଫେର ଆସିଲା ଓ ମୋ ବାଁ ପାଖେ ଛଡା ହୋଇ କହଲା," ବସ୍‌ରେ ଏତେ ଗହଳ ହେଇଛ ଯେ ଠିଆ ହେଇ ଯିବାପାଇଁ ବ ଯାଗାଟେ ନାହିଁ । ମୁଁ କେମିତ ଯିବରେ ଅନୁପମ ।"

- "ତା ହେଲେ ବସିକ ଯା ।" ମୁଁ ଫଟାଫଟ୍ ଉତ୍ତର ଦେଲ ।

ମୋର ଏ କଥା ଶୁଣି ସେ ବଲ ବଲ କର ଅନେଇଲ୍ ମୋ ମୁହଁକୁ । ଜାଣିନ ମୋ ଜୋକ୍‌ଟା ତାକୁ ପସନ୍ଦ ଆସିଲ୍ କ ନାହିଁ ।

କନ୍ତୁ ପ୍ରିୟା ବୁଝିଯାଇଥିଲ୍ ଯେ ସମୟ ଅନୁପମକୁ ବଦଳେଇଦେଇପାରନ । ସେ ଯେମିତ ଥିଲ୍ ପାଠ ପଢିଲ୍‌ବେଳେ ଆଜ ବ ସେମିତ ଅଛ ।

- "ତୁ କେମିତ ଅଛୁ ?" ସେ ପଚ୍ଚରଲ୍
- "ଦେଖିକ ଜାଣିପାରୁନୁ..." ମୁଁ ତାକୁ ମୋ ଷ୍ଟାଇଲ୍‌ରେ ଉତ୍ତର ଦେଲ ।

ଆଉ ପ୍ରିୟା ବ ତ ବଦଳ ନ ଥିଲ୍ ଏ ୨ବର୍ଷ ଭତରେ । ତେବେ ଆମ ରାସ୍ତାଟା ବଦଳଯାଇଥିଲ୍ । ଆଉ ଆମ ଭତରେ ଦୂରତା ବଢିଯାଇଥିଲ୍, ଯେଉଁ ଦୂରତା ହୁଏତ କେବେ ବ କମି ନ ଥିଲ୍ ।

- କୁଆଡେ ଆସିଥିଲୁ ? ମୁଁ ପଚ୍ଚରଲ
- ପରୀକ୍ଷା ଦେବାକୁ...
- ଓଃ
- ଆଉ ତୁ ? ସେ ପଚ୍ଚରଲ୍
- ତତେ ଦେଖିବାକୁ ।
- ଯାଃ ବେ...

ସତରେ ତା ମୁହଁରୁ ଏଇ ଖାସ୍ "ଯାଃ... ବେ" ଶୁଣିବାକୁ ମୁଁ ତାକୁ ଏମିତଆ ଉତ୍ତର ଦେଇଥିଲ ।

- "ଆଉ ତୋ ବାହାଘର ଭୋଜ କେବେ ଖାଇବାକୁ ଦେଉଛୁ ?" ମୁଁ ତାକୁ ମଜ୍ଜାରେ ପଚ୍ଚରଲ ।
- ତୋର କାହିଁକ ମୋ ବାହାଘର କଥା ଏତେ ଚନ୍ତା । ଯେତେବେଳେ ଦେଖ ଖାଲ ବାହାଘର କଥା ପଚ୍ଚରୁଛ ।

- ସର.. ସର...

ଆମ କଥୋପକଥନ ଭିତରେ ଧିରେ ଧିରେ ଗହଳି କମିବାରେ ଲାଗିଥିଲା । ସମୟ ବି ଗଡିଚାଲିଚାଲିଥିଲା ।

ତେବେ ତଥାପି ମୁଁ ନିଜ ମନକଥା ତା ଆଗରେ ଖୋଲି କହିପାରିଲିନି । ଜାଣିଥିଲି ସେ କେବେ ବି ମୋ ନିଜର ହେବନି । ତଥାପି ଏ ଅବୁଝା ମନଟା ଚାହୁଁନଥିଲା ତାକୁ ପର କରିଦେବାକୁ । ସେ ସେମିତି ଗପିଚାଲିଥିଲା ଓ ମୁଁ ତା ମୁହଁଟାକୁ ଅନେଇ ସେମିତି ବୁଡିଚାଲିଥିଲି ସ୍ମୃତିର ଜୁଆରରେ ।

- ଅନୁପମ୍... ଅନୁପମ୍...

- ହଁ... ହଁ କହ ।

- କଣ ତୁ ଭାବୁଛୁ ସବୁବେଳେ ? ଯେତେବେଳେ ଦେଖ ଅନ୍ୟମନସ୍କ ରହୁଛୁ ।

- ନା ରେ ସେ କିଛିନୁହେଁ ।

- ଏଇ ବସ୍‌ଟା ଫାଙ୍କା ଅଛି । ମୁଁ ଯାଉଛି ।

ଏତିକି କହି ସେ ଚଢିଗଲା ବସ୍‌ରେ ।

ମୁଁ ସେଇଠି ସେମିତି ଠିଆ ହେଇ ଭିଜୁଥିଲି ଟାଣ ଖରାରେ । 26.01.15

# ଅଭଶପ୍ତ

ସନ୍ତୋଷ କୁମାର ବେହେରା

ପାପର  ଶରୀର ନେଇ ପୁଣ୍ୟ ଖୋଜଲେ

ପୁଣ୍ୟ କ ପ୍ରାପତ ହୋଇବ

ଶାପର କୋଳରେ ଶୋଇଥାଏ ଯିଏ

ନଃଶ୍ୱାସ କ ନଜର ହୋଇବ ।

ଆଖିରେ ସାଗର ଲୁଚେଇଛ ଯିଏ

ଶ୍ରାବଣ କ ଧୋଇ ପାରବ

ବରହ ଆହାର କରୁଅଛ ଯିଏ

ତାହାର କ ପେଟ ପୁରବ ।

ଶତଥର ମଲେ ଏଠି ମଣିଷ ଜଇଁବା କହବ,

ଥରେ ମର ଯଦ ଜଇଁ ନପାରଲା

ମନ ଆଉଥରେ ପ୍ରେମ କରବ ।

ପୁଣି ହସାବ ନକାଶ୍ କରବ....

ହୃଦୟ ବଚ୍ୟୁତେ ପ୍ରୀତ ଲୁହ ଧାର

କେତେ ଦନ ଆଉ ଝରବ ।

# ଶେଷ ଇଚ୍ଛା ତୁମର

ପ୍ରଭାସିନୀ ମହାରଣା



ବପଣୀ ବସିଛି ତୁମ ସୌନ୍ଦର୍ଯ୍ୟର
ମୁଲଚ୍ଲ କରେ ସନ୍ତାନ ତୁମର ।
ଶାଗମାଛ ନୁହେଁ ହୀରା ମାଣିକ୍ୟର
ବପଣୀ ବସିଛି ତୁମ ସୌନ୍ଦର୍ଯ୍ୟର ।

କିଛି ତ୍ୟାଗ ତୋତେ କରିବାକୁ ହେବ
ନୋହିଲେ ସନ୍ତାନର ସ୍ୱପ୍ନ ଅଧା ରହିଯିବ ।
ମାତୃତ୍ୱର ଭାଷା, କୋହ ତୋ ମନର
କି ହେବ, କହିଲେ ସନ୍ତାନ ଆଗର ।
ମଦର୍ ତୃଷ୍ଣା, ତନୁର ନିଶା, ଅର୍ଥର ପାଶେ
ବନ୍ଦିଭାବେ ଛନ୍ଦି ହୋଇ ପଡ଼ିଛି ଫାଶେ ।
ଶୈଶବର ନାହିଁ ଚପଳାମି ତାର....
ଯୁବାବସ୍ଥାରେ ସୌଦାଗର ସାଜ
ପ୍ରକୃତ ମା'ର ମୁଲଚ୍ଲ କରେ ବିକିବାକୁ ଆଜ ।

ସୃଷ୍ଟିହେବ ବିରାଟ କଂକ୍ରିଟ୍ ଜଙ୍ଗଲ
କୋଠା, ବଙ୍ଗଳା ଶଙ୍ଖ ମଲମଲ...
ସବୁଜ ପଣତ ତୁମ ଲେଡ଼ା ନାହିଁ ଆଉ,
ଚକ୍ ମିକ୍ ରଙ୍ଗୀନ ଆଲୋକେ ସହର ଜଳିବ ଦାଉ ଦାଉ ।
ସନ୍ତାନ ପାଖେ ତୁମ ଅଭାବ ସମୟର
ବିକ୍ରି ପୂର୍ବରୁ କୁହ, 'ପ୍ରକୃତି' ଶେଷ ଇଚ୍ଛା ତୁମର ।

# ଦୁଃଖଯନ୍ତ୍ରଣା : ଏ ପ୍ରେମ ଦୁନଆ

ପ୍ରଶାନ୍ତ କୁମାର ନାଥ



ଦୁଃଖ ଯନ୍ତ୍ରଣା ଭର୍ ଏ ପ୍ରେମ ଦୁନଆ
ସୁଖ ବା ମିଳବ କାହିଁ ?
ହସ ଖୁସି ସବୁ ଦୁଇ ଦନ ପାଇଁ ଗୋ
ଯନ୍ତ୍ରଣାର ସୀମା ନାହିଁ ।
ସୀମାହୀନ ପର୍ ଏହ ଯନ୍ତ୍ରଣା ଜୁଆର
ମନରେ ଲଗାଏ ନଆଁ
ଧୋକା ବରହରେ ପର୍ ମନ ଜଳୁଥାଏ
ପ୍ରେମ ତ ଦେଢ଼ ଦନଆ ।
ଗ୍ଭହିଁଲେ ତୁମେ ଜମା ପାରବନ ହସି
ହୃଦୟେ ଲାଗିଲେ ନଆଁ
ଦକ ଦକ ହୋଇ ସେ ଜଳାଏ ଜୀବନ
ଉଠେନ ଜମାରୁ ଧୂଆଁ ।
ପ୍ରେମ ଫଗୁଣକୁ ଏଠି ଲୁହର ଶ୍ରାବଣ
ନେଇଯାଏ କାହିଁ ଧାଇଁ
ଲୁହର ଶ୍ରାବଣେ ଥରେ ଭଜଲେ ମନ
ଗତରେ ହୁଏନ ଶୋଇ ।
ଦୁଇଦନ ସୁଖ ଜୀବନ ଯାକର ଦୁଃଖ
ଗ୍ଭଲନ୍ତୁ ଦୁଃଖକୁ ବୋହ,
ଦୁଃଖ ଯନ୍ତ୍ରଣା ଭର୍ ଏ ପ୍ରେମ ଦୁନଆ
ସୁଖ ବା ମିଳବ କାହିଁ ।

ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତପୁର, ଯାଜପୁର

# ଜହ୍ନ ରାତିର ଗପ

ବସନ୍ତ କୁମାର ପାଣିଗ୍ରାହୀ



ସେ ସବୁଦିନ ପାଇଁ ଛାଡ଼ି ଚାଲିଯାଇଛି, ମୋ ସହରକୁ । ମୋ ସହରର କିଛି ବି ମନେ ପଡୁନି ତା'ର । ତା'ବିନା ମୋ ସହରଟା ଖାଲି ଖାଲି ଲାଗୁଛି । ସେ ଭୁଲିଯାଇଛି ମୋ ସହରର ଭସା ଭସା ମେଘ ଖଣ୍ଡକୁ, ଆକାଶ, ପାହାଡ଼, ପର୍ବତ ନଈ, ଫୁଲ ଆଉ ପ୍ରଜାପତିକୁ । ଆଉ ପୁଣି ସହରର ଅନତି ଦୂରରେ ଥିବା କୃଷ୍ଣଚୂଡ଼ା ଫୁଲ ଗଛକୁ, ଭୁଲିଯାଇଛି ମୋ ସହରର ଉପକଣ୍ଠରେ ଥିବା ପାହାଡ଼ ଉପରେ ଥିବା ମନ୍ଦିରର ଘଣ୍ଟି ଧ୍ୱନୀକୁ, ଆଉ ପାହାଡ଼ ଉପରୁ ସହରର ସବୁଜିମାଭରା ମନଲୋଭା ଦୃଶ୍ୟକୁ, ଯେଉଁଠି ଆମେ ଦୁହେଁ ବସି ବସି ଅନେକ ଅକୁହା କଥାକୁ ନିଜ ଭିତରେ ବାଣ୍ଟିନେଇଛୁ । ଜହ୍ନରାତିରେ ଖୋଲା ଆକାଶ ତଳେ ବସି ଜୀବନର ମାନେ ବୁଝିବାକୁ ଚେଷ୍ଟା କରିଛୁ । ତା'ର ସଜ୍ଜଳ ଆଖିରେ ଆଖି ମିଶାଇ ମୋ ପ୍ରତି ଥିବା ପ୍ରେମର ଗଭୀରତାକୁ ଦେଖିଛି । କଥା ଦେଇଥିଲା ସାରା ଜୀବନ ସାଥିହୋଇ ରହିବା ପାଇଁ । ସେଇ ମୁହୂର୍ତ୍ତରେ ମୋ ଉପରେ ଅଜାଡ଼ି ହୋଇପଡ଼ିଥିଲା ପେନ୍ଥା ପେନ୍ଥା କୃଷ୍ଣଚୂଡ଼ା ଫୁଲ ଗ୍ରୀଷ୍ମରେ ବି ଅନୁଭବ କଲି ମଳୟ ପବନର ବାସ୍ନା । ଏହା ଭିତରେ ମହାନଦୀରେ ବହିଯାଇଛି ଅନେକ ପାଣି । ବସନ୍ତର ଆଗମନରେ ଅନେକ ଥର ହସି ଉଠିଛି କୃଷ୍ଣଚୂଡ଼ା ଫୁଲ ।

ସେଦିନ ମୋତେ ଦେଖି କାନ୍ଦିପକାଇଥିଲା । କିଛି ବି କହିପାରିଲାନି । କୋହ ଉଠି ଆସୁଥିଲା ଛାତି ଭିତରେ । ଯେତେ ପଚାରିଲେ ବି ପାଟି ଫିଟାଇଲାନି, ଛୋଟ ପିଲାଟି ପରି କାନ୍ଦୁଥିଲା । ଆରେ କଣ ହେଇଛି କହ ? ଟିକେ ବିରକ୍ତ ହୋଇ ମୁଁ ପଚାରିଲି...

ଅପ୍ରତ୍ୟାଶିତ ନିରବତା ଖେଳିଯାଇଥିଲା ସାହାସ କରି ପାରୁନଥିଲା କହିବା ପାଇଁ । ବାରମ୍ବାର ଚେଷ୍ଟା କରି ବି ପାରୁନଥିଲା । କିଚିରି ମିଚିରି ଶବ୍ଦକରି ଦଳେ ପକ୍ଷୀ ଆକାଶରେ ଉଡ଼ିଗଲେ । ଅସ୍ତଗାମୀ ସୂର୍ଯ୍ୟ ବୋଧେ ସନ୍ଧ୍ୟାହେବାର ପ୍ରାକ ସୂଚନା ଦେଉଥିଲା ।

ଟିକେ ଇତଃସ୍ତତ ହୋଇ କହିଲି, ବାପାଙ୍କର ବଦଳି ହୋଇଛି, ଅନ୍ୟ ଏକ ସହରକୁ ଆଜି ରାତି ପାହିଲେ ଆମେ ଚାଲିଯିବୁ ।

ନିଶ୍ୱାସ ପ୍ରଶ୍ୱାସର ଗତି ମନ୍ଥର ହୋଇଗଲା ପରି ଅନୁଭବ କଲି । ଧମନୀରେ ରକ୍ତ ପ୍ରବାହର ଗତି ଶିଥିଳ ପଡ଼ିଗଲା । କେତେ ସମୟ ଛିଡ଼ା ହୋଇ ରହିଛି, ମୁଁ ଜାଣିନି । ଦଲକାଏ ଶୀତୁଆ ପବନରେ ପ୍ରକୃତିସ୍ଥ ହେଲି ।

ଆଜି ଆଉ ଜହ୍ନ ନାହିଁ, ଆକାଶରୁ ହଜିଯାଇଛି ଅବା କିଏ ଚୋରି କରିନେଇଛି । ସବୁଦିନ ଅପେକ୍ଷା କରୁଛି । କିନ୍ତୁ ଆଉ କାହିଁ ଆସୁନାହିଁ । ଭାସମାନ ମେଘ ଖଣ୍ଡ ଭିତରେ ଲୁଚିରହିଛି । ଅଭିମାନ କରିଛି ଅବା ମୋତେ ଭୁଲିଯାଇଛି । ମୁଁ ଭୁଲିବାକୁ ଚେଷ୍ଟା କରୁଛି ହେଲେ ହୃଦୟରୁ କାଢ଼ିପାରୁନି । ତଥାପି ବଞ୍ଚିବାର ପ୍ରୟାସ ଜାରି ରହିଛି । ରଙ୍ଗହୀନ ବାସ୍ନାହୀନ ଜୀବନ ବଞ୍ଚିବାର କିଛି ମାନେ ନଥାଏ ।

ସେ ଦିନ ଅଫିସ ଯିବାକୁ ବାହାରୁଥାଏ, ପୋଷ୍ଟମ୍ୟାନ୍ ଆସି ମୋତେ ଏକ ଲଫାଫା ଦେଇଗଲା, ସେଥିରେ ଲେଖା ଥିଲା ମୋତେ କ୍ଷମା କରିଦେବ । ଜୀବନ ଯୁଦ୍ଧରେ ମୁଁ ହାରିଯାଇଛି । ରୋଗର କରାଳ ରୂପ ମୋତେ ଗ୍ରାସିନେଇଛି । ଏ ଲଫାଫା ତୁମ ପାଖରେ ପହଞ୍ଚିବା ପୂର୍ବରୁ ହୁଏତ ମୁଁ ବହୁତ ଦୂରକୁ ଚାଲିଯାଇଥିବି । ଏତେ ଦୂରକୁ ଯେଉଁଠାରୁ କେହି କେବେ ଫେରନ୍ତି ନାହିଁ । ତୁମେ ଦେଇଥିବା ପ୍ରଥମ ଗୋଲାପ ଫୁଲଟି ଲଫାଫାରେ ରଖିଦେଇଛି, ମୋ ପାଖରେ ଆଉ କିଛି ବି ନାହିଁ । ତୁମକୁ ଦେବାପାଇଁ, କେବଳ ତୁମର ଭଲପାଇବା କୁ ହିଁ ସାଥିରେ ନେଇ ଯାଉଛି ।

ପାଦତଳୁ ମୋର ମାଟି ଖସିଗଲା ପରି ଲାଗିଲା, ଫଗୁଣରେ ବି ଗ୍ରୀଷ୍ମର ଉତ୍ତପ୍ତ ତାତି ଅନୁଭବ କରୁଥିଲି, ବିନ୍ଦୁ ବିନ୍ଦୁ ଝାଳ ବୋହିଯାଉଥିଲା । ଚାରିଆଡ଼େ ଅନ୍ଧାର ଦିଶୁଥିଲା ।

ଆଜି ବହୁତ ଦିନପରେ ଆକାଶରେ ଜହ୍ନ ଆସିଛି, ଆଉ ତା'ର ଝାପସା ଶୀତଳ ଆଲୋକରେ ମୁଁ ଶାନ୍ତି ଅନୁଭବ କରୁଛି, କାହାର କୋମଳ ହାତ ମୋର ମୁଣ୍ଡକୁ ଆଉଁସି ଦେଉଛି । ଦେଖିଲି କାହାର ଗୋଟେ ଛାଇ ପଡ଼ିଛି ଜହ୍ନରେ । ସେଇଟା ଆଉ କାହାର ନୁହେଁ, ମୋ ମନ ମଣିଷର....

ମହାବୀର ନଗର, ସାମନ୍ତରାପୁର
ଭୁବନେଶ୍ୱର

# ଫେରିବ ଏଇ ବସନ୍ତରେ

ଅନିଲ କୁମାର ସେଠୀ



ଏଇ ଦେଖ ବସନ୍ତ ପୁଣି ଫେରିଛି,
କୃଷ୍ଣଚୁଡ଼ା ଗଛେ ଫୁଲବ ଫୁଟିଲାଣି ।
କାଶତଣ୍ଡୀ ବନରୁ ବାସ ବ ଚହଟିଲାଣି
ହେଲେ ତୁମେ କାହିଁକି ଏତେ ଡେରି କଲ ?
କହିଯାଇଥିଲ ଫେରିବ ବୋଲି ଏଇ ବସନ୍ତରେ,
କେତେ ବସନ୍ତ ଯାଇ କେତେ ଶ୍ରାବଣ
ଏ ଦେହ ମନକୁ ଭିଜାଇ ସାରିଲାଣି
ତୁମେ ଆସୁନାହଁ, ମୁଁ ସେମିତ ଗୁହିଁଛି
ଏକ ନୂଆ ଆଶା, ଉଦ୍ଦୀପନା ନେଇ ମନରେ,
ତୁମେ ଫେରିବ ବୋଲି ଏଇ ବସନ୍ତରେ ।।
ସଜାଇ ରଖିଛି ତୁମ ପାଇଁ କେତେ ପ୍ରୀତିର ଫୁଲ
କେତେ ମଧୁର ସ୍ମୃତ ମନେ ପକାଇ ଦଏ ତୁମକୁ
ସେଇ ଓଠର ଚୁମ୍ବନ, ଆନ୍ଦୋଳତ କରଦଏ ଶରୀରକୁ
ଶୀହରଣ ଖେଳିଯାଏ ଦେହ ସାରା,
(ହେଲେ) ତୁମେ ଗଲାପରେ ସବୁ ଭୁଲିଯାଇଛ
ଭୁଲିଯାଇଛି ମୁଁ ନଜେ ନଜକୁ,
ପାଲଟି ଯାଇଛି ଏକ ଶୁଷ୍କ ମରୁଭୂମି,
ଆଜ ବସନ୍ତ ଆସିବା ଶୁଣି
ମୋ ଦେହେ ପ୍ରୀତଫୁଲ ପୁଣି ଫୁଟିଛି,
କୋଇଲି ବ ଗୀତ ଗାଇଲାଣି
ପୁଣି ଶୀହରଣ ଖେଳିଲାଣି ଏଇ ହୃଦୟରେ,
ମନ ମୋର କହୁଛି,
ତୁମେ ନଶ୍ଚୟ ଫେରିବ ଏଇ ବସନ୍ତରେ ।।

ତର୍ତୋଲ, ଜଗତସିଂପୁର

# ମୁଖ୍ୟବକ୍ତା

ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ



କଲେଜର ଗୋଟିଏ ଉତ୍ସବକୁ ଅତଥି ହୋଇ ନମନ୍ତ୍ରତ ହେବା କୌଣସି କମ ଗୌରବର କଥା ନୁହେଁ । ମୋର ଜଣେ ବନ୍ଧୁ ସହରର ଏକ ବେସରକାରୀ କଲେଜରେ ଅଧାପକ ଥିବା ସମୟରେ ନଜ କଲେଜର ଏକ କାର୍ଯ୍ୟକ୍ରମକୁ ମୋତେ ଅତଥି ହସାବରେ ନମନ୍ତ୍ରତ କରଥିଲେ । କନ୍ତୁ ମୁଁ କଦାପି ଭାବନଥିଲ ଯେ ସେ ମୋତେ ନେଇ ସଭା ମଞ୍ଚ ଉପରେ ବସେଇ ଦେବେ । ସେ ଯା'ହେଉ ପ୍ରଥମଥର କୌଣସି ଉତ୍ସବରେ ମୁଖ୍ୟ ଅତଥିଙ୍କ ପାଖରେ ମୁଖ୍ୟ ବକ୍ତାଭାବରେ ଯୋଗଦେବା ପରେ ମୋତେ ବହୁତ୍ ଖୁସି ଲାଗୁଥିଲା । କଲେଜର ସମସ୍ତ ଅଧାପକ ଅଧାପିକା ଛାତ୍ରଛାତ୍ରୀ ମୋତେ ଚାହିଁ ରହଥିଲେ । ସଭାମଞ୍ଚ ଉପରେ ବସି ବସି ଅଣନଃଶ୍ୱାସୀ ହୋଇ ଯାଉଥିଲ । ମନେ ମନେ ଚନ୍ତା କରୁଥିଲ, ମୁଁ ଏହ ସ୍ଥାନରେ ବସିବା ଯୋଗ୍ୟ ନା ନାହିଁ ? ଅନ୍ୟମାନେ ମୋତେ ଦେଖି କଣ ଭାବୁଥିବେ । ସମ୍ମୁଖରେ ବସିଥିବା ଛାତ୍ରଛାତ୍ରୀମାନେ ମୋ'ଠାରୁ କଣ ଶୁଣିବାକୁ ଚାହିଁବେ ?

ଆମ ଛାତ୍ର ସମୟରେ ଆମେ ସବୁବେଳେ ସଭାସ୍ଥଳରୁ ଦୂରରେ ବସି କେମିତ ଶୀଘ୍ର ଏ ଭାଷଣବାଜୀ ବନ୍ଦ ହେବ ବୋଲ ପ୍ରାର୍ଥନା କରୁଥିଲୁ । ସମୟେ ସମୟେ ଭାଷଣ ମଝିରେ ତାଳମାର ବକ୍ତାଙ୍କୁ ଅସୁବଧାରେ ପକାଇବା ସହ ସେ ନଜ ବକ୍ତବ୍ୟ ସମାପ୍ତ କରନ୍ତୁ ବୋଲ ଇଙ୍ଗିତ ଦେଉଥିଲୁ । ସଭାମଞ୍ଚରୁ କଛ ଦୂରରେ ବସିଥିବା କଛ ଛାତ୍ରଙ୍କ ଆଡ଼କୁ ନଜର ଗଲା, ସେମାନେ ସବୁ କାହିଁକ କେଜାଣି ମୋତେ କେବଳ ଅଣଛାତ୍ର ଭଳ ଲାଗୁଥିଲେ । ଠିକ୍ ଆମେ ଯେମିତ ହେଉଥିଲୁ, ସେମାନେ ବ ସେମିତ ପଛରେ ବସି ଥଟା କରୁଥିଲେ, ଛଗୁଲେଇ ହେଉଥିଲେ । ସେମାନଙ୍କ ଆଡ଼କୁ ଆଉ ଦେଖିବାକୁ ମନ

ହେଲାନାହିଁ ।

ନିଜ ପାର୍ଶ୍ୱରେ ଦୃଷ୍ଟିପକାଇ ଦେଖିଲି, ମୁଖ୍ୟ ଅତିଥି ଯେ ଥିଲେ ସେ ବିଶାଳବପୁର ଅଧିକାରୀ ଗୋରା ଓ ସାହେବୀ ଚେହେରା ସମ୍ପର୍ନ୍ନ ବ୍ୟକ୍ତି ଜଣେ । ସହରରେ କେବେ ଦେଖିବା ଭଳି ମନେ ହେଉନଥିଲା । ଅନେକ ସଭା ସମିତି କୁ ମୁଁ ବି ଯାଏ, ହେଲେ ଏହି ବ୍ୟକ୍ତିଙ୍କୁ କୌଣସି ସ୍ଥାନରେ କେବେ ଦେଖିବାଭଳି ମୋର ମନେ ନଥିଲା । ତାଙ୍କୁ ଲାଗି ବସିଥିଲେ କଲେଜର ଅଧକ୍ଷ ଶ୍ରୀ ଦାଶବାବୁ । ସେ ପରିଚିତ ଚେହେରା, ବେଳେ ବେଳେ ସନ୍ଧ୍ୟାରେ ବ୍ୟାଡ଼ମିଣ୍ଟନ୍ ଖେଳିବାପାଇଁ ଆସନ୍ତି । ଆଉ ତାଙ୍କ ପାଖରେ ବସିଥିଲେ କଲେଜର ନିର୍ଦ୍ଦେଶକ ପଣ୍ଡାବାବୁ । ନିରବନିଶ୍ଚଳ ମୂର୍ତ୍ତିଟିଏ ପରି ବସିଛନ୍ତି । ମୁହଁରେ ସାମାନ୍ୟ ହସ ଲାଖିରହିଛି । ବନ୍ଧୁ କହୁଥିଲେ ନିର୍ଦ୍ଦେଶକ କାଳେ ଭାରି କୃପଣ । ଟଙ୍କାଟିଏ ଖର୍ଚ୍ଚ କରନ୍ତି ନି, ତାହା ଅବଶ୍ୟ ତାଙ୍କ ମୁହଁରେ ଲାଖିରହିଥିବା କୃତ୍ରିମ ହସକୁ ଦେଖିଲେ ଜଣାପଡୁଥିଲା । ମୋର ଅନ୍ୟ ପାର୍ଶ୍ୱରେ ବସିଥିଲେ କଲେଜର ଉପାଧକ୍ଷ ଶ୍ରୀ ପୂଜାରୀ ବାବୁ । ସମ୍ବଲପୁରୀଆ ଭଦ୍ରବ୍ୟକ୍ତି । ପଦାର୍ଥବିଜ୍ଞାନ ବିଭାଗର ପ୍ରମୁଖ । ବିଚକ୍ଷଣ ପ୍ରତିଭା ବୋଲି ବନ୍ଧୁ କହିଥିଲେ । ତାହା ଅବଶ୍ୟ ଜାଣିପାରୁନାହିଁ, କିନ୍ତୁ ନାଲି ଦାନ୍ତ ଦେଖି ଜାଣିପାରୁଛି ସେ ପାନ ନାମକ ପଦାର୍ଥର ରସାୟନ ଯଥେଷ୍ଟ ଗ୍ରହଣ କରିଛନ୍ତି । ତାଙ୍କ ପାଖକୁ ବସିଛି ଜଣେ ସୁନ୍ଦରୀ ଝିଅ । ସେ କାଳେ କଲେଜ ଛାତ୍ରସଂଘର ସମ୍ପାଦିକା ।

ଆଗ ପଛକୁ ଏପାଖ ସେପାଖ ଦେଖିବା ବେଳେ ହଠାତ୍ ବନ୍ଧୁଙ୍କୁ ଦେଖିବାକୁ ପାଇଲି । ଇଙ୍ଗିତରେ ପାଖକୁ ଆସିବାପାଇଁ କହିଲି । ସେ ବି ମଞ୍ଚଉପରକୁ ଉଠିଆସି ମୋ ପଛରେ ଠିଆହେଲେ, ହାତରେ ଥିବା ମୁଠାଏ କାଗଜରୁ ଦୁଇ ଦୁଇ ଫର୍ଦ୍ଦ କାଗଜ ସମସ୍ତ ଅତିଥିଙ୍କ ସମ୍ମୁଖରେ ଥୋଇଦେଲେ । ସେଥିରେ ସଭାର ସମୟସାରଣୀ ସମେତ କଲେଜର ସଂକ୍ଷିପ୍ତ ପରିଚୟ ବି ଦିଆଯାଇଥିଲା । ତାଙ୍କ ହାତ ଧରି କହିଲି, ଆରେ ଭାଇ, ମୋତେ ଆଣି କୋଉ ଜାଗାରେ ପହଞ୍ଚେଇଦେଲ । ଯେଉଁ ସ୍ଥାନରେ ବସିଥିବା ପ୍ରତ୍ୟେକ ବ୍ୟକ୍ତିକୁ ମୁଁ ମୋ କଲେଜ ଜୀବନରେ ସବୁଠାରୁ ଅଧିକ ଘୃଣା କରିଆସିଛି, ଆଜି ଅଗଣିତ ଛାତ୍ରଛାତ୍ରୀଙ୍କ ଘୃଣାର ପାତ୍ର ମୋତେ କାହିଁକି କରିଦେଲ । ବନ୍ଧୁ ହସିଦେଇ କହିଲେ, ସାର୍

ବୁଝିଲେନା ଆପଣଙ୍କ ଏହି ବ୍ୟଙ୍ଗ କଥା ଶୁଣି ମୁଁ ନିଷ୍ଚୟ କରିଦେଇଥିଲି ଯେ ଆପଣଙ୍କୁ ହିଁ ଅତିଥି କରି ଡାକିବି । ଏମିତି କିଛି କିଛି କଥା କହିଦେବେ, ଦେଖିବେ ଛାତ୍ରଛାତ୍ରୀ କେହି ଘୃଣା କରିବେନି । ତାହା ତ ଠିକ୍ କିନ୍ତୁ ମୁଖ୍ୟ ବକ୍ତା ? କେବଳ ସମ୍ମାନିତ ଅତିଥି ଲେଖିଦେଇଥାନ୍ତି କହିଲେ ମୁଁ ଦୁଇମିନିଟ୍ ଭାଷଣ ଦେଇ ଚାଲିଯାଆନ୍ତି ।

ବନ୍ଧୁ ହାତ ଛଡ଼େଇ ଦେଇ ଅଧ୍ୟକ୍ଷଙ୍କ ନିକଟକୁ ଚାଲିଗଲେ । ମୁଁ ଅସହାୟ ଭାବରେ ନିରବ ନିଷ୍ପାପ ଶିଶୁଟିଏ ପରି ସମ୍ମୁଖରେ ବସିଥିବା ଜଣ ଜଣ ଛାତ୍ରଛାତ୍ରୀଙ୍କ ମୁହଁକୁ ଚାହୁଁଥାଏ, ଏବଂ ଜାଣିବାକୁ ଚେଷ୍ଟା କରୁଥାଏ, ସେମାନେ ଆମ ବିଷୟରେ କଣ ଭାବୁଛନ୍ତି । ଏତିକି ବେଳେ ଜଣେ ଛାତ୍ରୀ ଆସି ମୋ ପଛରୁ ମୋତେ ଠାରି ପଚାରିଲା, ସାର୍ ଆପଣଙ୍କ ବାୟୋଡ଼ାଟା ଦେଲେ ମୁଁ ସେଇଟା ସଭା ଆରମ୍ଭରେ ପଢ଼ିବି । ବାୟୋଡ଼ାଟା ??? ସେଇଟା ମୁଁ କୋଉଠି ପାଇବି ? କଲେଜରେ ପଢୁଥିବା ବେଳେ ସବୁବେଳେ ପଛ ବେଞ୍ଚରେ ବସି ବସି ମାର୍କିବି ସେମିତି ହିଁ ପାଇଥିଲି । କଲେଜ ସରିବାପରେ ବାପା କହିଲେ, ତୋ ପାଠପଢ଼ା ସେତିକିରେ ଥାଉ ତୁ ଦୋକାନରେ ବସ । ବାପା ଜେଜେବାପାଙ୍କ ଦୟାରୁ ବଡ଼ବଜାରରେ ଗୋଟିଏ ସୁନା ଦୋକାନ ଥିଲା, ସେଇଠି ଦିନରେ ଦଶଘଣ୍ଟା ବିତଉଥିବା ଲୋକ ବାୟୋଡ଼ାଟା କୋଉଠୁ ପାଇବ ? ଅତି ବିଚିତ୍ର ପରିସ୍ଥିତିରେ ପଡ଼ିଲି ମଣିଷ ! ମନା କରୁଥିଲି ମୋତେ ଅତିଥି କରି ଏଠିକୁ ଡାକିଆଣି କଣ କଣ ଆଉ ଅପମାନ ଦେବେ କେଜାଣି ? ମୁଁ ବିକଳ ହୋଇ ମୋ ବନ୍ଧୁଙ୍କ ଆଡ଼କୁ ଚାହିଁଲି । ସେ ବୋଧହୁଏ ମୋ ଦୁର୍ଦଶା ଉପଲବ୍ଧି କରିପାରି ପାଖକୁ ଆସିଲେ ଆଉ ସେ ଝିଅକୁ କହିଲେ, ତୁମେ ଯାଅ, ସାରଙ୍କ ବାୟୋଡ଼ାଟା ମୁଁ ତୁମକୁ ଦେବି ।

'ଗୋଟିଏ ବଡ଼ ବିପଦରୁ ପାରି କରିଦେଲି' ବନ୍ଧୁଙ୍କ ହାତକୁ ଧରି କହିଲି । ସେ ହସିଦେଇ କହିଲେ, ଆପଣ ଚିନ୍ତା କରନ୍ତୁନି ମୁଁ ସବୁ କଥା ବୁଝିଦେବି । ମୋର ଜନ୍ମତାରିଖ, ସ୍ଥାନ, ବାପାମାଆ, ପୁଅଝିଅ, ଘର ଦ୍ୱାର, ବେପାର ସବୁ ବିଷୟରେ କିଛି କିଛି ପ୍ରଶ୍ନ କରିଦେଇ ସେ ସେଠାରୁ ପଳେଇଗଲେ । ମଞ୍ଚଉପରେ ମୋ ସମ୍ମୁଖରେ ଥୁଆ ହୋଇଥିବା ପାଣି ବୋତଲ ଖୋଲି ଅଧାବୋତଲ ପାଣି ପିଇଦେଲି । ଘରୁ ବାହାରିବା ସମୟରେ ଦେହରେ ଅଧାବୋତଲ ଡିଓଡେରେଣ୍ଟ ପକେଇଥିବା

ସତ୍ତ୍ୱେ ମୁଁ ଝାଳେଇ ଯାଉଥିଲି ଆଉ କହିବା ଅନାବଶ୍ୟକ ସେ ଡିଓଡେରେଣ୍ଟ ବାସ୍ନା ନଥିଲା । ଆମେ ମଞ୍ଚ ଉପରେ ବସିବାର ପାଞ୍ଚ ମିନିଟ ମୋତେ ଅଧଘଣ୍ଟା ପରି ଲାଗିଲାଣି । କେମିତି ଶୀଘ୍ର ଏ ସଭା ସମାପ୍ତ ହେବ ମୁଁ ତ୍ରାହି ପାଇବି ତାହା ଚିନ୍ତା କରୁଥିଲି ।

ସଭା ଆରମ୍ଭ ହେବାର ନାଁ ନେଉନଥିଲା । ମୁଁ ବାରମ୍ବାର ମୋ ହାତଘଣ୍ଟାକୁ ଦେଖୁଥିଲି । ଅଧ୍ୟକ୍ଷ ନିର୍ଦ୍ଦେଶକଙ୍କ ସହ ଗପରେ ବ୍ୟସ୍ତ ଥିଲେ, ମୁଖ୍ୟ ଅତିଥି କାଗଜ ଫର୍ଦ୍ଦଟିଏରେ କିଛି ଲେଖିଯାଉଥିଲେ । ମନହେଲା ଦେଖିବାପାଇଁ ସେ କଣ ଲେଖୁଛନ୍ତି । ଟିକେ କରେଇ କରି ଚାହିଁଲି, ସେ ଭାଷଣ ଲେଖିବାପରି ଲାଗୁଥିଲା । ହେଲେ ଭଲରେ ଦେଖିବାପରେ ଜଣାପଡ଼ିଲା ସେ ଭାଷଣ ନୁହଁ ବରି କୌଣସି ଗୋଟିଏ ବ୍ୟବସାୟର ଆୟବ୍ୟୟ ଅଟକଳ କରୁଥିଲେ । କେତେ ଆସିଲା, କେତେ ଗଲା । ନିରଖେଇ କି ଚାହିଁଲି, ସେ ନିଜ ସମ୍ମୁଖରେ ଦୁଇତିନି ଫର୍ଦ୍ଦ ଛପା କାଗଜ ରଖିଛନ୍ତି । ଓହୋ, ସେ ନିଜ ଭାଷଣକୁ ଟାଇପ କରି ନେଇ ଆସିଛନ୍ତି । ବାଃ ମୁଁ କେମିତି ଜାଣିପାରିଲିନି ? ପୁଣିଥରେ ବନ୍ଧୁଙ୍କୁ ଡାକିଲି, ଆଉ ତାଙ୍କ କାନରେ ଧିରେ ଧିରେ କହିଲି, ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ପ୍ରିଣ୍ଟ କରି ଆଣିଛନ୍ତି । ମୋତେ କାହିଁକି କହିଲନି ? ସେ ହସିଦେଇ କହିଲେ, ମୁଁ ଭାବୁଥିଲି ଆପଣ ଜାଣିଥିବେ ବୋଲି । ଛାଡ଼ନ୍ତୁ ଆପଣ ଜମା ଚିନ୍ତା କରନ୍ତୁ ନାହିଁ । ଆପଣଙ୍କ ଭାଷଣ ସଭାର ଶେଷ ଆଡ଼କୁ ରଖିଦେବା, ଆଉ ସେତିକି ଭିତରେ ଆପଣଙ୍କ ଭାଷଣ ଆପଣଙ୍କ ପାଖରେ ପହଞ୍ଚିଯିବ । ଆରେ ବାଃ, ମାନେ ମୋତେ ଆଉ ମୋ ମୁଣ୍ଡ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ।

ଏବେ ମୁଁ ଶାନ୍ତିରେ ନିଃଶ୍ୱାସ ମାରିଲି ଆଉ ହାତରେ ପିନ୍ଧିଥିବା ମୁଦିକୁ ଘୁରେଇ ଘୁରେଇ ପଥରରେ ନିଜକୁ ଦେଖିବାକୁ ଚେଷ୍ଟା କରୁଥିଲି । ଜଣେ ସୁଭାଷିଣୀ ଝିଅର ବକ୍ତବ୍ୟରେ ସଭା ଆରମ୍ଭ ହେଲା । ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ହେଉଥିବା ବେଳେ ସଭାମଞ୍ଚରେ ରଖାଯାଇଥିବା ଦୀପକୁ ପ୍ରଜ୍ଜ୍ୱଳନ କରାଗଲା । ପ୍ରଥମେ ଅଧ୍ୟକ୍ଷ ନିଜ ଅଭିଭାଷଣରେ କଲେଜ ବିଷୟରେ ଅନେକ ତଥ୍ୟ ଉପସ୍ଥାପନ କରିବା ସହିତ କଲେଜରେ ହେଉଥିବା ପାଠପଢ଼ା ବିଷୟରେ ଉଚ୍ଛ୍ୱସିତ ଭାଷଣଟିଏ ଦେଲେ । ପରେ ପରେ ଉପାଧ୍ୟକ୍ଷ ବାର୍ଷିକ ବିବରଣୀ ପାଠକଲେ । ଯେମିତି ଯେମିତି ଜଣେ ଜଣେ ଭାଷଣ

ଦେଇ ଆସୁଥିଲେ, ସେମିତ ସେମିତ ମୋ ଛାତି ଭିତରେ ହୃତପିଣ୍ଡଟା ଧକ୍ ଧକ୍ ହେଉଥିଲା । ମୁଁ ସଭାରେ ନିଜ ବନ୍ଧୁଙ୍କୁ ଖୋଜିବାର ଚେଷ୍ଟା କରୁଥିଲି । ସେ କାହିଁ କେଉଁଠି ଦେଖାଯାଉନଥିଲେ । ମୁଖ୍ୟ ଅତିଥିଙ୍କ ପରିଚୟ ଦେଇ ଜଣେ ଛାତ୍ର ଜଣେଇଦେଲା ଯେ ସେ ଜଣେ ବଦାନ୍ୟ ମହାନ ବ୍ୟକ୍ତି । ଅନେକ ସଂଗଠନ ସହ ଜଡ଼ିତ । ନିଜକୁ ଏମିତି ଜଣେ ମହାନବ୍ୟକ୍ତିଙ୍କ ସହିତ ସଭାମଞ୍ଚଉପରେ ପାଇ ମୋ ଜୀବନଧନ୍ୟ ହୋଇଗଲା ପରି ଲାଗୁଥିଲା ।

ମୁଖ୍ୟଅତିଥିଙ୍କ ପରିଚୟ ପରେ ମୋର ପରିଚୟ ପ୍ରଦାନ ସମୟ ଆସିଲା । ମନେ ମନେ ଭାବୁଥିଲି ମୋ ବିଷୟରେ କଣ କହିବେ ? ମୋର ତ ସେମିତି କିଛି ପରିଚୟ ନାହିଁ । ନା ମୁଁ ଭଲ ପାଠପଢ଼େ ନା ସମାଜସେବା କରେ ? ତା'ହେଲେ କହିବେ କଣ ? ଯାହା ବି ହେଉ ମୋର କିନ୍ତୁ ସମ୍ମାନ ନ ଯାଉ । ମୋ ପରିଚୟ ପ୍ରଦାନ କରୁଥିବା ଛାତ୍ରଜଣକ କହିଲା, ଆମ ମୁଖ୍ୟ ବକ୍ତା ଜଣେ ଉତ୍ତମ ଛାତ୍ରଥିଲେ । ସେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଅନେକ କୃତିତ୍ୱ ଅର୍ଜନ କରିଛନ୍ତି । ବିଦ୍ୟାସମାପନ ପରେ ସେ ମୁଲ୍ୟବାନ ଧାତୁ ସଂକ୍ରାନ୍ତୀୟ ଉଚ୍ଚ ଗବେଷଣା କରିବାପାଇଁ ବିଦେଶ ଯାଇଛନ୍ତି । ଇତ୍ୟାଦି ଇତ୍ୟାଦି... ଅନ୍ତତଃ ଚାରିପୃଷ୍ଠାର ସମ୍ପୂର୍ଣ୍ଣ ଡାହା ମିଛ କଥା ସବୁ ମୋ ବିଷୟରେ କହିଗଲା । ସେ ସବୁ ମିଛ ହେଲେ ପ୍ରତିବାଦ କରିବାକୁ ସାହାସ ନଥିଲା, ତେଣୁ ଗମ୍ଭୀର ରହି ହସିବାର ଚେଷ୍ଟା କଲି । ପରିଚୟ ପ୍ରଦାନ ସରିବାପରେ ନିଜ ସ୍ଥାନରୁ ଉଠି ନେତାମନ୍ତ୍ରୀଙ୍କ ପରି ହାତ ଉପରକୁ ଉଠେଇ ଯୋଡ଼ହସ୍ତରେ ଠିଆ ହୋଇଗଲି । ସଭାରେ ଉପସ୍ଥିତ ଛାତ୍ରଛାତ୍ରୀମାନେ କରତାଳି ଦେଉଥିଲେ ଆଉ ମୁଁ ଆକାଶକୁ ଚାହିଁ ମନେ ମନେ କହୁଥିଲି, ହେ ଭଗବାନ ମୋତେ ରକ୍ଷାକରିଦେଲ ପ୍ରଭୁ ।

ପରିଚୟ ପ୍ରଦାନ ପରେ ପୁଣି ପ୍ରମାଦ ଆସିଲା, ଯେତେବେଳେ ଭାଷଣ ଦେବାପାଇଁ ମୁଖ୍ୟ ଅତିଥିଙ୍କୁ କୁହାଗଲା । ସେ ନିଜସ୍ଥାନରୁ ଉଠି ମାଇକ ପାଖକୁ ଯାଇ ଠିଆହେଲେ ଓ ଟେବୁଲ୍ ଉପରେ ଛପା ଭାଷଣକୁ ଥୋଇଦେଇ ଟେବୁଲ୍ ବାଡ଼େଇ ଦଶମିନିଟିଆ ଭାଷଣଟିଏ ଦେଲେ । ଆମେ ଦେଶପାଇଁ କଣ କରିବା, ଆମେ ସହର ପାଇଁ, ଜଗତ ପାଇଁ, ଘର ପାଇଁ କଣ କରିବା । ସରକାରୀ ଶିକ୍ଷାନୀତିରେ

କେତେ ତ୍ରୁଟି ବିଚ୍ୟୁତି, ଦେଶରେ କେତେ ଅନୀତି ହେଉଛି ସବୁ ବିଷୟରେ ସେ ଅନର୍ଗଳ କହିଗଲେ । ତାଙ୍କ ଭାଷଣ ସରିବାପରେ ପରେ ମୋତେ ଯିବାକୁ ହେବ । ମୁଁ କଣ କହିବି ? କିଛି ମୋ ମୁଣ୍ଡକୁ ଆସୁନଥିଲା । ଦେଖୁ ଦେଖୁ ସେ ନିଜ ଭାଷଣ ସାରିଦେଲେ ଓ ନିଜ ସ୍ଥାନକୁ ଫେରି ଆସିଲେ । ଏବେ ଭାଷଣ ଦେବାର ପାଳିଥିଲା ମୋର । ମୋତେ ନିମନ୍ତ୍ରଣ କରାଗଲା ମଧ୍ୟ । ମୁଁ ଅସହାୟ ପରି ଏପାଖ ସେପାଖ ଚାହୁଁଥିଲି । ନିଜ ସ୍ଥାନରୁ ଉଠି ଯଥାସମ୍ଭବ ଧିରେ ଧିରେ ମାଇକ ଆଡ଼କୁ ଅଗ୍ରସର ହେଉଥିବା ବେଳେ ମୋ ବନ୍ଧୁ ରକେଟ୍ ପରି ବେଗରେ ଆସିଲେ ଓ ମାଇକ ସଜାଡ଼ି ଦେଉ ଦେଉ ଟେବୁଲ୍ ଉପରେ ଚାରିଫର୍ଦ୍ଦ ପ୍ରିଣ୍ଟ ଥୋଇଦେଇ ଚାଲିଗଲେ । ଯାଉ ଯାଉ କହିଲେ ଯଦି କୋଉଠି କିଛି ମିଶେଇବ ବା କାଟିବ ନିଜେ ସେ ସବୁ ଦେଖିନେବ । ଓଃ ପ୍ରାଣ ରହିଗଲା ପରି ଲାଗିଲା । ପବନ ଚାଲିଯାଇଥିବା ସାଇକେଲ ଚକରେ ପୁଣି ପମ୍ପ ଭର୍ତ୍ତି କରିଦେଲେ ଫୁଲିଗଲାପରି ମୁଁ ବି ଜୀବନ୍ୟାସ ପାଇଲା ଭଳି ଅନୁଭବ କରୁଥିଲି ।

ବନ୍ଧୁଯାହା ସବୁ ଲେଖିଥିଲେ ତାହା ଅକ୍ଷରେ ଅକ୍ଷରେ ପଢ଼ିଗଲି । ବିନ୍ଦୁ ବିସର୍ଗ ପୂର୍ଣ୍ଣଚ୍ଛେଦ ସବୁ ଧ୍ୟାନରେ ଦେଖିବାକୁ ଆଉ ସାହାସ ହେଉନଥିଲା । ଏମିତି ପଢ଼ିଯାଉ ଯାଉ ହଠାତ୍ ମନେହେଲା ଯେମିତି କିଛି ଭୁଲ କହିଗଲି । କିଛି ସମୟ ନିରବ ରହିବା ବେଳକୁ ଛାତ୍ରଛାତ୍ରୀମାନେ ଜୋରରେ କରତାଳି ଦେଉଥିଲେ । ସେମାନେ କାହିଁକି କରତାଳି ଦେଉଥିଲେ । ସେମାନେ କଣ ଭାଷଣ ଶୁଣି ବିରକ୍ତ ହେଉଥିଲେ କି ? ପଛକୁ ବୁଲି ଚାହିଁଲା ବେଳକୁ ମଞ୍ଚାସୀନ ସମସ୍ତ ଅତିଥି ମଧ୍ୟ କରତାଳି ଦେଉଥିଲେ । ମୁଁ କଣ କିଛି ଅଧିକ କହିଗଲି କି ? ପୁଣିଥରେ ଭାଷଣ ପଢ଼ିବା ବେଳକୁ ଦେଖିଲି ସେଠାରେ ଲେଖାଅଛି, ଯେ ମୁଁ ପ୍ରତିବର୍ଷ ପାଞ୍ଚଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ସମସ୍ତ ଖର୍ଚ୍ଚ ବହନ କରିବି । ମୋ ମନଟା ଆମ୍ବିଳା ହୋଇଗଲା । ବନ୍ଧୁଙ୍କ ଆଡ଼କୁ ଚାହିଁଲି, ସେ ବି ହସପୂର୍ଣ୍ଣ ବଦନରେ ତାଳି ମାରୁଥିଲେ । କିଛି ସମୟ ନିରବ ରହିବା ପରେ କହିଲି, ପାଞ୍ଚ ନୁହେଁ ମୁଁ ଦଶଜଣଙ୍କୁ ପଢ଼ିବା ଖର୍ଚ୍ଚ ଦେବି । ସମସ୍ତେ ଆହୁରି ଜୋରରେ ତାଳି ମାରିଲେ । ମୋର ବକ୍ତବ୍ୟ ଶେଷକରି ମୁଁ ମୋ ସ୍ଥାନକୁ ଫେରିଆସିଲି ।

ସଭା ସରିବାପରେ ମୋ ବନ୍ଧୁ ଆସି ମୋତେ ଧନ୍ୟବାଦ ଦେଲେ । କଲେଜର ଅଧ୍ୟକ୍ଷ ଗଦଗଦ

ହୋଇଗଲେ । ମୁଖ୍ୟ ଅତିଥିଙ୍କୁ ଏହି କଥାଟା ଅପମାନଜନକ ଲାଗିଲା ବୋଧହୁଏ ସେ ସଭା ମଝିରୁ ବାହାରି ଗ୍ଲଲିଗଲେ । ମୁଁ କଲେଜରୁ ବାହାରି ଆସିବା ବେଳେ କଲେଜର ଅଧ୍ୟକ୍ଷ ମୋତେ ପ୍ରଶ୍ନକରୁଥିଲେ ସେ ସ୍କୋଲାରସିପ୍‌ଟା କେମିତି ଦେବା ? ମୁଁ ହସିଦେଇ କହିଲି, ମୁଁ ଏବେ ଟିକେ ଫରେନ୍ ଟ୍ରିପ୍‌ରେ ଯାଉଛି, ଫେରିଲେ କଥା ହେବା । ମୋ ବନ୍ଧୁ କହିଲେ, ଫରେନ୍ ଟ୍ରିପ୍ ? କେବେ ? ମୁଁ କହିଲି, ତୁମେ ଜାଣିଥିବ ନା । ମୋ ପରିଚୟରେ ତ ଲେଖିଥିଲି ମୁଁ ବିଦେଶ ଯାଇ ଆସିଚି ବୋଲି, ସବୁ ତ ତୁମେ ଲେଖୁଛ ସେଇ ଦଶଟା ପିଲାଙ୍କୁ କେଉଁଠୁ ସ୍କୋଲାରସିପ୍ ଦେବ ସେଇଟା ବି ନିଜେ କହିଦିଅ । ହେ ହେ ହେ...

ମୁଁ ଆଉ କୌଣସି ସଭାସମିତିକୁ ଯିବାକୁ ଭୟ କରୁନି । କାରଣ ଭାଷଣ ଦେବାପାଇଁ କୌଣସି ପରିଶ୍ରମ କରିବାକୁ ପଡୁନି ଆଉ ବାୟୋଡ଼ାଟା ? ସେଇଟା ମୁଁ ମୋ ବନ୍ଧୁଙ୍କଠାରୁ କପି କରି ନେଇ ଆସିଛି । ଯେଉଁଠିକୁ ଯାଉଛି, ନକଲଟିଏ ସାଥିରେ ନେଇ ଯାଉଛି ।

ଆହ୍ୱାନର ଆଗାମୀ ସଂସ୍କରଣ ମାର୍ଚ୍ଚ ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରେଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

<u>ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା</u>

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବିମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଫୋନ : ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ

ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୭୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ୍ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ ତାହେଲେ ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।